

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୫ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 March 2026

Vol.No. 36 ■ No.80 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ମୋଦୀ-ଟ୍ରମ୍ପ ଆଲୋଚନା

## ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ



ନୂଆଦିଲ୍ଲୀ,୨୪/୩ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ କରି କଥା ହୋଇଛନ୍ତି। ଆମେରିକା ଆମ୍ବାସାଡାର ସେରଗିଓ ଗୋର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଇ ନେତା ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷ କରି ଷ୍ଟ୍ରେଟ ଅଫ ହର୍ମୁଜ ଖୋଲା ରହିବା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଉଭୟ ବିସ୍ତୃତ ଭାବେ କଥା ହୋଇଛନ୍ତି। ଫେବୃଆରୀ ୨୮ରୁ ଇରାନ ସହ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଜାରି ରହିଛି। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମଥର ପାଇଁ ଟ୍ରମ୍ପ ଫୋନ କରି ମୋଦିଙ୍କ ସହ କଥା ହୋଇଛନ୍ତି। ଶାନ୍ତି, ସ୍ଥିରତା ଓ ଶକ୍ତି ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ମୋଦି ଆଲୋଚନା ବେଳେ ଗୁରୁତ୍ୱାରୋପ କରିଛନ୍ତି। ଟ୍ରମ୍ପଙ୍କ ସହ କଥା ହୋଇଥିବା ସମ୍ପର୍କରେ ମୋଦି ଏକ୍ସରେ ମଧ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, "ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଫୋନରେ କଥା ହୋଇଛି ଓ ପଶ୍ଚିମ ଏସିଆର ସ୍ଥିତି ଉପରେ ଉପଯୋଗୀ ଆଦନ ପ୍ରଦାନ ହୋଇଛି। ଭାରତ ଉତ୍ତେଜନା ହ୍ରାସ କରିବା ଓ ଯଥାଶୀଘ୍ର ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ସମର୍ଥନ କରୁଛି। ହର୍ମୁଜ ପ୍ରଣାଳୀ ଖୋଲା ରହିବା ସହ ସେଠାରେ ସୁରକ୍ଷିତ ଓ ସୁଲଭ ଯାତାୟାତ ପୂରା ବିଶ୍ୱ ପାଇଁ ଜରୁରୀ। ଶାନ୍ତି ଓ ସ୍ଥିରତା ପାଇଁ ହେଉଥିବା ପ୍ରୟାସ ସହ ଆମେ ଯୋଡ଼ି ହୋଇ ରହିବାକୁ ସମର୍ଥନ କରିଛୁ।" ମଧ୍ୟପ୍ରାଚ୍ୟ ଉପରେ ଭାରତ ତୈଳ ଓ ଗ୍ୟାସ ପାଇଁ ନିର୍ଭରଶୀଳ। ଏପରି ସ୍ଥିତିରେ ଭାରତ ପାଇଁ ଷ୍ଟ୍ରେଟ ଅଫ ହର୍ମୁଜ ଖୋଲା ରହିବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ଭାରତ ଶାନ୍ତି ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେଇ ଆସିଛି। ଏହାର ଦିନକ ପୂର୍ବରୁ ଟ୍ରମ୍ପ ଇରାନ ସହ ଚାଲିଥିବା ଯୁଦ୍ଧକୁ ୫ ଦିନ ପାଇଁ ସ୍ଥଗିତ ରହିଥିବା ଘୋଷଣା କରିଥିଲେ। ଇରାନ ଓ ଆମେରିକା ଶାନ୍ତି ପ୍ରତିଷ୍ଠା ଦିଗରେ ଉତ୍ତମ ଓ ଫଳପ୍ରଦ ଆଲୋଚନା କରିଥିବା ମଧ ସେ କହିଥିଲେ।

## ପଶ୍ଚିମ ଏସିଆ ସଙ୍କଟ ଏକ ଅଭୂତପୂର୍ବ ଚ୍ୟାଲେଞ୍ଜ ସୃଷ୍ଟି କରିଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୪/୩ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ରାଜ୍ୟସଭାରେ ପଶ୍ଚିମ ଏସିଆ ସଙ୍କଟ ଉପରେ ଏକ ବିବୃତି ଦେଇଛନ୍ତି। ସେ କହିଛନ୍ତି, ଏହି ସଙ୍କଟ ଭାରତ ପାଇଁ ଏକ ଅଭୂତପୂର୍ବ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପରି ପରିସ୍ଥିତିରେ, ଭାରତ ସରକାର ଦେଶରେ ତେଲ ଏବଂ ଗ୍ୟାସ୍‌ର ସୁଗମ ଯୋଗାଣ ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛନ୍ତି। ସରକାର ସାର ଯୋଗାଣ ବଜାୟ ରଖିବାକୁ ମଧ ଚେଷ୍ଟା କରୁଛନ୍ତି। ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ, ଭାରତ ସରକାର ମନ୍ତ୍ରୀମାନଙ୍କର ଏକ ଗୋଷ୍ଠୀ ଗଠନ କରିଛନ୍ତି। ଏହି ଗୋଷ୍ଠୀ ପରିସ୍ଥିତି ଉପରେ ନଜର ରଖିବେ। ଯୁଦ୍ଧର ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରୟାସ କରାଯାଉଛି। ସରକାର ନିଶ୍ଚିତ କରିବାକୁ ଚେଷ୍ଟା କରୁଛନ୍ତିଲ ଯେପରି ଏହି ସଙ୍କଟ ଚାଷୀମାନଙ୍କ ଉପରେ ପ୍ରଭାବ ପକାଇବ ନାହିଁ। ଚାଷୀମାନେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ଚ୍ୟାଲେଞ୍ଜର ସମାଧାନ ପାଇଁ ସରକାର ସେମାନଙ୍କ ସହିତ ଠିଆ ହୋଇଛନ୍ତି । ଯୁଦ୍ଧ ବାଣିଜ୍ୟ ମାର୍ଗଗୁଡ଼ିକୁ ବାଧା ଦେଉଛି। ଗ୍ୟାସ୍ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ପ୍ରଭାବିତ ହେଉଛି। ୧ କୋଟିରୁ ଅଧିକ ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ ବାସ କରନ୍ତି। ସେମାନଙ୍କର ସୁରକ୍ଷା ମଧ ଭାରତ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ହର୍ମୁଜ୍ ପ୍ରଣାଳୀରେ ଅନେକ ଜାହାଜ ଫସି ରହିଛି, ଯେଉଁଥିରେ ବହୁ ସଂଖ୍ୟକ ଭାରତୀୟ କ୍ରୁ ସଦସ୍ୟ ଅଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଭାରତ ଆଲୋଚନାକୁ ଏକମାତ୍ର ଉପାୟ ଭାବରେ ପରାମର୍ଶ ଦେଇଛି। ଯୁଦ୍ଧରେ କାହାର ଜୀବନକୁ ବିପଦରେ ପକାଇବା ମାନବତାର ସର୍ବୋତ୍ତମ ସ୍ୱାର୍ଥରେ ନୁହେଁ। ଭାରତର ନିରନ୍ତର ପ୍ରୟାସ ହେଉଛି ସମସ୍ତ ପକ୍ଷଙ୍କୁ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବା ପାଇଁ ଉତ୍ସାହିତ କରିବା । ଯୁଦ୍ଧ ଆରମ୍ଭ ହେବା ପରଠାରୁ, ୩ ଲକ୍ଷ ୭୫ ହଜାର ଭାରତୀୟ ସୁରକ୍ଷିତ ଭାବରେ ଭାରତ ଫେରିଛନ୍ତି। ୧,୦୦୦ ରୁ ଅଧିକ ଭାରତୀୟ ମଧ ଇରାନରୁ ସୁରକ୍ଷିତ ଭାବରେ ଫେରିଛନ୍ତି।

◆◆ପୃଷ୍ଠା ୭

## ଆଖି ବୁଜିଲେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଥିବା ହରିଶ ରାଣା



ନୂଆଦିଲ୍ଲୀ,୨୪/୩ : ଦୀର୍ଘ ୧୩ ବର୍ଷ ଧରି କୋମାରେ ରହିଥିବା ୩୨ ବର୍ଷୀୟ ହରିଶ ରାଣାଙ୍କ ଆଜି ଦେହାନ୍ତ ହୋଇଛି। ଦିଲ୍ଲୀର ଏମ୍ସରେ ସେ ଆଜି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦେଶର ପ୍ରଥମ ବ୍ୟକ୍ତି ଭାବେ ସୁପ୍ରିମକୋର୍ଟ ହରିଶ ରାଣାଙ୍କୁ କିଛି ଦିନ ତଳେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ। ଇଚ୍ଛାମୃତ୍ୟୁ ପାଇବାର ୧୩ ଦିନ ପରେ ସେ ଆଜି ଆଖି ବୁଜିଛନ୍ତି। ମାର୍ଚ୍ଚ ୧୧ରେ ପ୍ରଥମଥର ପାଇଁ ସୁପ୍ରିମକୋର୍ଟ ଦେଶରେ କୌଣସି ରୋଗୀଙ୍କ ପରିବାର ପକ୍ଷରୁ ଏପରି ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଆବେଦନ ଉପରେ ମୋହର ମାରିଥିଲେ। ରାଣାଙ୍କୁ ମାର୍ଚ୍ଚ ୧୪ ତାରିଖରେ ତାଙ୍କ ଗାଜିଆବାଦ ସ୍ଥିତ ଘରୁ ଦିଲ୍ଲୀ ଏମ୍ସର ଡକ୍ଟର ବିଆର୍ ଆମ୍ବେଦକର ଇନଷ୍ଟିଚ୍ୟୁଟ ଅଫ ରୋଟାରୀ କ୍ୟାନ୍ସର୍ ହସ୍ପିଟାଲ୍‌ର ପ୍ୟାଲିଏଟିଭ୍ କେୟାର୍ ୟୁନିଟ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଆନେସଥେସିଆ ଓ ପ୍ୟାଲିଏଟିଭ୍ ମେଡିସିନ୍ ବିଭାଗର ମୁଖ୍ୟ ଡାକ୍ତର ସୀମା ମିଶ୍ରଙ୍କ ନେତୃତ୍ୱରେ ଏକ ମଲ୍ଟି-ଡିସିପ୍ଲିନାରୀ ଟିମ୍‌କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଦିଆଯାଇଥିଲା। ଏଥିରୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ପ୍ରକ୍ରିୟା କେତେ ଜଟିଳ ଓ ସମ୍ବେଦନଶୀଳ, ତାହା ସ୍ପଷ୍ଟ ହୋଇଥିଲା। ପ୍ରତିଷ୍ଠିତ ଚିକିତ୍ସା ପ୍ରୋଟୋକଲ୍ ଅନୁସାରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଣାଙ୍କର କୃତ୍ରିମ ପୁଷ୍ଟିକରଣ ସହାୟତାକୁ କ୍ରମଶଃ ପ୍ରତ୍ୟାହାର କରାଯାଇଥିଲା। ଶେଷରେ ରାଣା ଆଜି ଆଖି ବୁଜିଛନ୍ତି। ହରିଶ ରାଣା ମାମଲା ସଂପୂର୍ଣ୍ଣ ଭାବେ ବିରଳ ଥିଲା। ତାଙ୍କ ଜୀବନ ମେଡିକାଲ ଟ୍ୟୁବ୍ ଦ୍ୱାରା ଦିଆଯାଉଥିବା ଖାଦ୍ୟ ଉପରେ ନିର୍ଭରଶୀଳ ରହିଥିଲା। ସେ ଜୀବନ ରକ୍ଷାକାରୀ ମେସିନ ଯଥା ଭେଣ୍ଟିଲେଟର ଆଦିରେ ରହୁଥିଲେ। ୧୩ ବର୍ଷ ଧରି ପୁଅ ବିଛଣାରେ ପଡ଼ି ରହିଥିବାରୁ ପରିବାର ଲୋକ କୋର୍ଟ ଯାଇଥିଲେ। ବାପା ମା'ଙ୍କ ଅସହାୟତାକୁ ଶୁଣିବା ପରେ ସୁପ୍ରିମକୋର୍ଟ ହରିଶ ରାଣାଙ୍କ ହସ୍ପିଟାଲରେ ଚିକିତ୍ସା ଉପଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିକିତ୍ସା ବନ୍ଦ ହେବା ପରେ ୩୨ ବର୍ଷୀୟ ହରିଶ ରାଣା ସମ୍ମାନଜନକ ମୃତ୍ୟୁ ପାଇଛନ୍ତି।

## ଟପ୍ ମାଓନେତା ଶୁକ୍ରୁର ଆତ୍ମସମର୍ପଣ



କନ୍ଧମାଳ, ୨୪/୩ (ନି.ପ୍ର): ମାଓମୁକ୍ତ ହୋଇ ଯିବ ଓଡ଼ିଶା । କେବଳ ଘୋଷଣାକୁ ଅପେକ୍ଷା । କାରଣ ଆଜି ଓଡ଼ିଶାର ଏକ ମାତ୍ର ଟପ୍ ମାଓ ନେତା ଶୁକ୍ରୁ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି । ତାଙ୍କ ସହ ଅନ୍ୟ ୪ କ୍ୟାଡର ମାଓବାଦୀ ମଧ ପୁଲିସ ହେପାଜତରେ ପହଁଚି ସାରିଛନ୍ତି । ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଶୁକ୍ରୁ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇ ଥିବାବେଳେ ମାର୍ଚ୍ଚ ୩୧ ପୂର୍ବରୁ ଓଡ଼ିଶାକୁ ମାଓମୁକ୍ତ କରିବା ନେଇ ମଧ ବାଟ ଫିଟିଛି । ସେପଟେ ଶୁକ୍ରୁର ଆତ୍ମସମର୍ପଣ ଖବର ପରେ ତାଙ୍କ ନିଜ ଗାଁ କାଲିମେଲା କୁରୁବ ଠାରେ ଖୁସିର ମାହୋଲ । ପୁଲିସ ହେପାଜତରେ ଶୁକ୍ରୁ । ବନ୍ଧୁକ ଛାଡିଛନ୍ତି ଟପ୍ ମାଓ ନେତା ଶୁକ୍ରୁ । କୋସା ସୋଡ଼ି ଓରଫ ଶୁକ୍ରୁ ଓରଫ କ୍ରୀଷ୍ଟାର ଆତ୍ମସମର୍ପଣ। ଓଡ଼ିଶାରେ ସକ୍ରିୟ ଥିବା ଏକମାତ୍ର ଦୁର୍ଦ୍ଦାନ୍ତ ମାଓ ନେତା ଦଳବଳ ନେଇ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । କନ୍ଧମାଳ ପୁଲିସ ନିକଟରେ ଶୁକ୍ରୁ, ଅନ୍ୟ ୪ ସାଥି ମାଓବାଦୀଙ୍କ ସହ ଆତ୍ମସମର୍ପଣ କରି ଥିବାବେଳେ ଏକେ-୪୭ ବନ୍ଧୁକ ସହ ବହୁ ଅସ୍ତ୍ରଶସ୍ତ୍ର ପୁଲିସକୁ ହସ୍ତାନ୍ତର କରିଛି। ବୁଧବାର କନ୍ଧମାଳ ପୁଲିସ ଶୁକ୍ରୁକୁ ବିଧିବଦ୍ଧ ଆତ୍ମସମର୍ପଣ ଲାଗି ପ୍ରକ୍ରିୟା ଆରମ୍ଭ କରିଥିବା ନେଇ ସୂଚନା ଦେଇଛନ୍ତି ପୁଲିସର ବଡ଼ ଅଧିକାରୀ । ତେବେ କିଏ ଏହି କୋସା ସୋଡ଼ି ଓରଫ ଶୁକ୍ରୁ । ମାର୍ଚ୍ଚ ୩୧ ପୂର୍ବରୁ ସାରା ଦେଶକୁ ମାଓମୁକ୍ତ ଘୋଷଣା ନେଇ ଲକ୍ଷ୍ୟ ରଖାଯାଇଥିବା ବେଳେ ଗତ ୨୦୨୪ ଠାରୁ ଏଯାଏଁ ୯୬ ମାଓବାଦୀ ଓଡ଼ିଶା ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଛନ୍ତି । ତେବେ ମୁହଁଟାଣ ଦେଖାଇ କନ୍ଧମାଳ, ଗଞ୍ଜାମ ଓ ରାୟଗଡ଼ାର ତ୍ରିକୋଣୀୟ ଘଞ୍ଚ ଜଙ୍ଗଲରେ ପୁଲିସକୁ ଟାର୍ଗେଟ କରୁଥିଲେ ଶୁକ୍ରୁର ଟିମ୍ । ପ୍ରାୟ ୩ ଦଶକ ପରେ କୋସାଙ୍କ ଆତ୍ମସମର୍ପଣ ଖବର ପରେ ମାଲକାନଗିରି କୁରୁବ ଗାଁରେ ଖୁସିର ଲହରି ଖେଳି ଯାଇଛି । କୋସାଙ୍କ ଆତ୍ମସମର୍ପଣ ନେଇ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଅପରିବର୍ତ୍ତିତ ରହିଲା ବିଦ୍ୟୁତ ଶୁଳ୍କ: ସ୍ମାର୍ଟ ମିଟର ପାଇଁ ନୂଆ ନିୟମ




ଭୁବନେଶ୍ୱର, ୨୪/୩ (ନି.ପ୍ର): ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ହେବ ନାହିଁ। ବିଦ୍ୟୁତ ଶୁଳ୍କ(ଟାରିଫ)କୁ ଅପରିବର୍ତ୍ତିତ ରଖିଛନ୍ତି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)। ୨୦୨୨-୨୩ ମସିହାରୁ କ୍ରମାଗତ ପଂଚମ ବର୍ଷ ପାଇଁ ରାଜ୍ୟରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇନାହିଁ। ଏହାସହିତ ୨୦୨୪-୨୫ ବର୍ଷରେ ଘରୋଇ ଗ୍ରାହକଙ୍କ ପାଇଁ ବିଦ୍ୟୁତ ଶୁଳ୍କରେ ୟୁନିଟ୍ ପିଛା ୧୦ ପଇସା ହ୍ରାସ ପାଇଥିଲା। ଯାହା ଏବେବି ବଜାୟ ରହିଛି ବୋଲି ଓଇଆରସି ସୂଚନା ଦେଇଛନ୍ତି। ବିଦ୍ୟୁତ ଉତ୍ପାଦନକାରୀ ଓଏଚପିସି ଓ ଓପିଜିସିରୁ ମିଳୁଥିବା ବିଦ୍ୟୁତ ଶସ୍ତା ହୋଇଥିବାରୁ ଏବଂ ପରିବହନ ଶୁଳ୍କ ୟୁନିଟ୍ ପିଛା ୨୫.୫ ପଇସାରୁ ୨୪ ପଇସାକୁ ହ୍ରାସ ପାଇଥିବାରୁ ଗ୍ରାହକଙ୍କ ପାଇଁ ଏହା ଆଶ୍ୱସ୍ତିକର ହୋଇଛି। ତେବେ ପ୍ରଥମଥର ପାଇଁ 'ଟାଇମ୍ ଅଫ ଡେ' ଏବଂ ପିକଆୱାର ଶୁଳ୍କର ପ୍ରାବଧାନ ହୋଇଛି। ଯାହାକି ସନ୍ଧ୍ୟା ୬ରୁ ରାତି ୧୨ଟା ପର୍ଯ୍ୟନ୍ତ ସାଧାରଣ ଶୁଳ୍କ ତୁଳନାରେ ଅଧିକ ୧୦ ପ୍ରତିଶତ ବିଲ୍ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି।

◆◆ପୃଷ୍ଠା ୭

## ମଣିପୁରର ଟେଙ୍ଗନୋପାଲରେ ନିଷିଦ୍ଧ ସଂଗଠନ ପ୍ରିପାକର ୧୦ ଜଣ କ୍ୟାଡର ଗିରଫ

ନୂଆଦିଲ୍ଲୀ,୨୪/୩ : ମଣିପୁରରେ ନିଷିଦ୍ଧ ସଂଗଠନ ବିରୁଦ୍ଧରେ ସୁରକ୍ଷା ବାହିନୀର ଅଭିଯାନ ପୂର୍ଣ୍ଣାଙ୍ଗ ଭାବରେ ଜାରି ରହିଛି। ଏହି ପ୍ରୟାସରେ, ଟେଙ୍ଗନୋପାଲ ଜିଲ୍ଲାରେ ନିଷିଦ୍ଧ ସଂଗଠନ ପ୍ରିପାକ (ଆରଏ) ସହିତ ଜଡିତ ୧୦ ଜଣ କ୍ୟାଡରଙ୍କୁ ଗିରଫ କରାଯାଇଛି। ମଣିପୁର ପୋଲିସ ମୁଖ୍ୟାଳୟ ଦ୍ୱାରା ଆଜି ଜାରି ଏକ ସରକାରୀ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି।ସୂଚନା ଅନୁଯାୟୀ, ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ ସୋମବାର ଦିନ କରାଯାଇଥିବା ଏକ ଅଭିଯାନ ସମୟରେ ନିଷିଦ୍ଧ ସଂଗଠନ ପ୍ରିପାକ (ଆରଏ)ର ଦଶ ଜଣ ସକ୍ରିୟ କ୍ୟାଡରଙ୍କୁ ଗିରଫ କରିଥିଲେ।

## ଧର୍ମ ପରିବର୍ତ୍ତନ କଲେ ମିଳିବନି ଏସସି/ଏସଟି ମାନ୍ୟତା:ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



ନୂଆଦିଲ୍ଲୀ,୨୪/୩: ଧର୍ମ ପରିବର୍ତ୍ତନ ଓ ଅନୁସୂଚିତ ଜାତି ମାନ୍ୟତା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମକୁ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରୁଥିବା ଜଣେ ବ୍ୟକ୍ତି କେବେ ହେଲେ ବି ଏସ୍ ?ସି ମାନ୍ୟତା ହାସଲ କରିପାରିବେ ନାହିଁ। ଏଥିସହ ଧର୍ମ ପରିବର୍ତ୍ତନ କରୁଥିବା ବ୍ୟକ୍ତିଙ୍କୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଆଇନ ଅଧୀନରେ ସୁରକ୍ଷା ମଧ ମିଳିପାରିବ ନାହିଁ। ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ ଧର୍ମ ଗ୍ରହଣ କଲେ ପୂର୍ବରୁ ମିଳୁଥିବା ଏସ୍‌ସି ମାନ୍ୟତା ମଧ ରଦ୍ଦ ହେବ। କେବଳ ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମକୁ ବିଶ୍ୱାସ କରୁଥିବା ବ୍ୟକ୍ତି ବିଶେଷ ହିଁ ଏସ୍‌ସି ମାନ୍ୟତା ଦାବି କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ପିକେ ମିଶ୍ରା ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଆନ୍ଧ୍ର ପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ କାଏମ ରଖିଛନ୍ତି। ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ଓ ଏହାକୁ ସକ୍ରିୟ ଭାବେ ଅନୁସରଣ କରି ଆସ୍ଥା ପ୍ରକଟ କରୁଥିବା ଜଣେ ବ୍ୟକ୍ତିଙ୍କୁ କେବେ ହେଲେ ବି ପୂର୍ବଭଳି ଏସ୍ ?ସି ସଂପ୍ରଦାୟର ସଦସ୍ୟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଆନ୍ଧ୍ର ହାଇକୋର୍ଟ କହିଥିଲେ। ଏହାକୁ ସୁପ୍ରିମକୋର୍ଟ ଆଜି କାଏମ ରଖିଛନ୍ତି। ଗୋଟିଏ ଚର୍ଚ୍ଚ ଦାୟିତ୍ୱରେ ଥିବା ପାଷ୍ଟର ବା ପାଦ୍ରୀ ସି ଆନନ୍ଦ ୨୦୨୫ ମେ' ମାସରେ ଆନ୍ଧ୍ର ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପକ୍ଷରୁ ସେ ଜାତିଗତ ଭେଦଭାବ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ଏଥିପାଇଁ ଏସ୍‌ସି ମାନ୍ୟତା ଅନୁସାରେ ସୁରକ୍ଷା ଦାବି କରିଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, "ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ ଧର୍ମକୁ ବିଶ୍ୱାସକୁ କରୁଥିବା କୌଣସି ବ୍ୟକ୍ତି ଅନୁସୂଚିତ ଜାତିର ସଦସ୍ୟ ହୋଇପାରିବେ ନାହିଁ। ଅନ୍ୟ ଧର୍ମକୁ ପରିବର୍ତ୍ତନ ହେବା ପରେ ପୂର୍ବରୁ ତାଙ୍କ ପାଖରେ ଥିବା ଅନୁସୂଚିତ ଜାତିର ମାନ୍ୟତା ମଧ ଆପେଆପେ ରଦ୍ଦ ହୋଇଯିବ।" ଗାଁରେ ପ୍ରାର୍ଥନା ସଭା କରୁଥିବା ପାଷ୍ଟର ଆନନ୍ଦ

◆◆ପୃଷ୍ଠା ୭

## ଏପ୍ରିଲ ୬ରୁ ଜିଲ୍ଲା କୋର୍ଟ ସକାଳୁଆ

ଭୁବନେଶ୍ୱର, ୨୪/୩ (ନି.ପ୍ର): ଆସନ୍ତା ଏପ୍ରିଲ ୬ ତାରିଖରୁ ସମସ୍ତ ଜିଲ୍ଲାସ୍ତରୀୟ କୋର୍ଟ ସକାଳୁଆ ଚାଲିବ। ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଲିବ କୋର୍ଟ କାର୍ଯ୍ୟ। ତେବେ କିଛି କୋର୍ଟ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର ସମେତ କୋରାପୁଟ (ସଦର) ଓ ପୁରୀ (ସଦର) ପାଇଁ ସକାଳୁଆ ନିୟମ ଲାଗୁ ହେବନି।

## ଶ୍ରୀରାମନବମୀରେ ଶାନ୍ତିଶୃଙ୍ଖଳାକୁ ପ୍ରମୁଖତା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୩ (ନି.ପ୍ର): ଆସନ୍ତା ୨୭ ତାରିଖରେ ଶ୍ରୀରାମନବମୀ ଉତ୍ସବ ପାଳିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳରେ ପାଳିତ ହେଉଥିବା ଶ୍ରୀରାମ ନବମୀ ଉତ୍ସବ ସମ୍ପର୍କରେ ଉପସ୍ଥିତ ପୁଲିସ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ରେ ପୁଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳା ସହିତ ଏହି ପର୍ବ ପାଳନ ହୋଇଥିଲା । ଚଳିତ ବର୍ଷ ମଧ ବ୍ୟାପକ ପୁଲିସ ମୁତୟନ ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଆଧ୍ୟାତ୍ମିକତାର ଏହି ପର୍ବରେ ଓଡ଼ିଶାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ଦ୍ୱିଧାରେ ସମ୍ପୂର୍ଣ୍ଣ ଭାବେ ଶାନ୍ତିର ସହ ପାଳନ କରିବେ ତାହା ସୁନିଶ୍ଚିତ କରିବା ପୋଲିସ ପ୍ରଶାସନର ଦାୟିତ୍ୱ । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଆଇନ ଓ ଶୃଙ୍ଖଳା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେ, ଭୁବନେଶ୍ୱର-କଟକ ପୋଲିସ କମିଶନର ଦେବଦତ୍ତ ସିଂହ ପ୍ରମୁଖ ଆଲୋଚନା କରିଥିଲେ ।

# ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ



ବୈଶିଙ୍ଗା , ୨୪/୩ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଅଁଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର -୨୦୨୬ ଉଦଯାପିତ ହୋଇ ଯାଇଛି । ମୟୁରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ମାର୍ଚ୍ଚ ମାସ ୧୯ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପଞ୍ଚ ଦିବସୀୟ ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ୨୦୨୧ ମସିହା ଠାରୁ ୨୦୨୬ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇ ଥିବା ଜିଲ୍ଲା ର ମୋଟ ୧୨୯ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଶିବିରରେ ଯୋଗ ଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଓଡିଶାର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ସ୍ତରୀୟ ବରିଷ୍ଠ ପ୍ରଶିକ୍ଷକଗଣ କ୍ରିକେଟ, ଭଲି ବଲ, ଫୁଟବଲ, ରଗବି, ହ୍ୟାଣ୍ଡ ବଲ, ବାସ୍କେଟ ବଲ, ହକି, ଖୋ କୋ, କବାଡି, ଉଷୁ, ତାଇ କାଣ୍ଡୋ , ବ୍ୟାଡ଼ମୀଣ୍ଟନ,ଯୋଗାସନ, ତିରନ୍ଦାଜ, ଦୌଡ କୁଦ ଓ ବୀଚ ଭଲି ବଲ ଇତ୍ୟାଦି ୧୬ ଟି ବିଭାଗରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଭାଗିରଥି ମଲ୍ଲିକ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଆୟୋଜିତ ଏହି ଆବାସିକ ଶିବିର ରେ ଶିବିରାର୍ଥୀ ମାନେ ଉଭୟ ତଥ୍ୟାତ୍ମକ ଓ ପ୍ରୟୋଗାତ୍ମକ ଭିତ୍ତିକ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ତା ୨୧.୩.୨୬ରିଖ ରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଶଶୀଧର ସିଂ ଉପସ୍ଥିତ ହୋଇ ଛାତ୍ର ଛାତ୍ରୀ ମାନଙ୍କ ସାମୁହିକ ଉନ୍ନତି ଓ ଜାତୀୟ ଶିକ୍ଷା ନୀତି ୨୦୨୦ ର ସଫଳତା ପାଇଁ ଏହି ପ୍ରଶିକ୍ଷଣ ର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ । ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ପ୍ରଶିକ୍ଷଣ ଶିବିର ରୁ ତାଲିମ ପ୍ରାପ୍ତ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ନିଜ ବିଦ୍ୟାଳୟ ରେ ଏହାର ସଫଳ ପ୍ରୟୋଗ କରିବାକୁ ପରାମର୍ଶ ଦେଇ ଥିଲେ । ଏକ ବିଦ୍ୟାଳୟ ର ଶୃଙ୍ଖଳା ଓ ସାମଗ୍ରିକ ସଫଳତା ରେ ଶାରୀରିକ ଶିକ୍ଷକ ଶିକ୍ଷୟୀତ୍ରୀ ଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ । କ୍ରୀଡା କ୍ଷେତ୍ରରେ ମୟୁରଭଞ୍ଜ ଜିଲ୍ଲା କୁ ଶ୍ରେଷ୍ଠ ଜିଲ୍ଲା ର ମାନ୍ୟତା ଦେବାରେ ସମସ୍ତେ ସାମିଲ ହେବାକୁ ଗଠନ ମୂଳକ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷକ ତଥା ପରିଚାଳନା ସମ୍ପାଦକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ଭାଗିରଥି ମଲ୍ଲିକ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ପ୍ରଶିକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ । ତାଇ କାଣ୍ଡୋ ପ୍ରଶିକ୍ଷକ ଜିତେନ୍ଦ୍ର ଜୈସୱାଲ, ଉଷୁ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ମହାନ୍ତ ଓ ଯୋଗାସନ ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ସନମାନନୀୟ ଅତିଥି ଭାବରେ ଯୋଗ ଦେଇ ସାର ଗର୍ଭକ ବକ୍ତବ୍ୟ ରଖିଥିଲେ । ଶିବିରାର୍ଥୀ ମାନେ ପାଞ୍ଚ ଦିନରେ ଗ୍ରହଣ କରିଥିବା ଶିକ୍ଷା ଓ ଅଭିଜ୍ଞତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେକ୍ଷ ବିଦ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଉତ୍ତରୀୟ, ଫଳପୁଷ୍ପ ଓ ଫୁଲ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା । ଶିବିରାର୍ଥୀ ମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଶିବିର କେନ୍ଦ୍ରୀୟ କାର୍ଯ୍ୟାଳୟ ର ହରିଶ ଚନ୍ଦ୍ର ରାଉତ, ପଙ୍କଜ କୁମାର ବେହେରା , ପ୍ରଦୀପ କୁମାର ଚୌଧୁରୀ , ନୀଳକଣ୍ଠ ନାୟକ, ବିଦ୍ୟାଳୟ ର ଶିକ୍ଷକ ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାୟକ ଓ ସୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବଶେଷ ରେ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଞ୍ଜସେନା ପକ୍ଷରୁ ପୌରପାଳିକା ଆଗରେ ବିକ୍ଷୋଭ




ବାରିପଦା, ୨୪/୩ (ନି.ପ୍ର): ଆଜି ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ବାରିପଦା ମ୍ୟୁନିସିପାଲଟି ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ଚାଲିଥିବା ଦୁର୍ନୀତି ଓ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ, ବାରିପଦା ନଗରପାଳ ଏବଂ ବାରିପଦା ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଙ୍କୁ ଭେଟି ଆଲୋଚନା ଆଲୋଚନା କରାଯିବା ସହ ଆଗାମୀ ଦିନରେ ଯଦି ଏହି ଧାରା ବଜାୟ ରୁହେ ତେବେ ସମଗ୍ର ବାରିପଦା ମ୍ୟୁନିସିପାଲଟିକୁ ଅଚଳ କରାଯିବା ସହିତ ଦୁର୍ନୀତି କାର୍ଯ୍ୟ ଏବଂ ଦୁର୍ନୀତି ଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ମଧ ନିଆଯିବ ବୋଲି ସଂଗଠନ ପକ୍ଷରୁ ଚେତବନି ଦିଆଯାଇଛି। ଦାବୀ ମୁତାବକ ବାରିପଦା ପୌରପାଳିକା ତରଫରୁ ସହରରେ ଜନୈକ ଠିକାଦାର ଙ୍କର ଦ୍ୱାରା ଅସମ୍ପୂର୍ଣ୍ଣ ଥିବା ୪ ଗୋଟି ପୋଖରୀର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ସେଥିମଧ୍ୟରୁ ଥିବା ବହୁ ପୁରାତନ ଝିଞ୍ଜିରୀବନ୍ଧ ସହିତ ତାର ସନ୍ନିକଟ ଜୁବୁଲି ପାର୍କକୁ ମିଶାଇ ଏକ ପ୍ରୋଜେକ୍ଟ ଏବଂ ଷ୍ଟେସନ ହାଟ ପ୍ରୋଜେକ୍ଟ, ଆଉ ଉଭୟ କାର୍ଯ୍ୟ କୁ ମିଶାଇ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟକୁ ବିନା ଟେଣ୍ଡର ଦ୍ୱାରା ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା କରି ରାଜ୍ୟ ବାହାର କୌଣସି ଏକ ସମବାୟ ସଂସ୍ଥାକୁ ଦିଆଯାଇଥିବା ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ବରିଷ୍ଠ ସଦସ୍ୟ ସିଙ୍ଗରାୟ ହେମ୍ରମ, ଅମିତ କୁମାର, ସଞ୍ଜୟ ମହାର୍ଣା, ସଞ୍ଜୟ ମହାନ୍ତ,ଏମଡି ରାଜା, ଦୀପକ କୁମାର ବେହେରା, ଜିତୁ ସିଂ, ଏମ.ଡି ଇସଲାମ, ସୁନୀଲ ମହାପାତ୍ର, ଗୌରାଙ୍ଗ ଚକ୍ରବର୍ତ୍ତୀ, ପ୍ରଦୀପ ପଣ୍ଡା, ରାକେଶ କୁମାର ଆଚାର୍ଯ୍ୟ, ଅନନ୍ତ ଘଡେଇ, ସତ୍ୟ ପୃଷ୍ଟି, ଆକାଶ ବାରିକ, ବୁଧୁରାମ ସିଂ, ରାଜେଶ ଘଡେଇ, ବିକାଶ ମୁଦୁଲି, ପିଣ୍ଟୁ ମୁଦୁଲି, ରାଜକିଶୋର ମୁର୍ମୁ, ଜୀବନ ସିଂ, ଚନ୍ଦନ ସିଂ, ସଂଜୀବ ହାଁସଦା, ରାଜା ମହାଲି, ଏମଡି ସାହିଲ, ପଙ୍କଜ କରଣ, ବାପୁନ ରାଉଳ, ଉମେଶ ପ୍ରଧାନ, ଲିପୁନ ପୃଷ୍ଟି, ସନ୍ଦୀପ ନାୟିକ, ବାପୁନ ଦାସ, ପ୍ରକାଶ ଦାସ, ଆକାଶ ବେହେରା, ଯୋଗେଶ୍ୱର ଦେହୁରୀ, ପଦ୍ମ ମୁଖି ପ୍ରମୁଖଙ୍କ ସହିତ ୫୦୦ ରୁ ଅଧିକ ଯୁବ ଛାତ୍ର ସଂଗଠକ ମାନେ ଉପସ୍ଥିତ ଥିଲେ।

# କେବିଡିରେ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୨୪/୩ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ କେବିଡି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ଜିପିଓ ସୁବାସ ଖିଲ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡାଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣ, ମରାମତି, ପାନିୟ ଜଳ ସମସ୍ୟା, ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣି ଗୃହ ନେଇ ନେଇ ଦାବି କରିଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେନେଇ ଲୋକଙ୍କୁ ସଚେତନ କରିଥିଲେ ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୨୪/୩ (ନି.ପ୍ର): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୧୧୮ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୯୫ ଗୋଟି ବ୍ୟକ୍ତିଗତ, ୨୨ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୧୨ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା।ଏହି ଶୁଣାଣୀ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସଚିନ ପଟେଲ, ଏଡିଏମ୍‌ଓ ଡା ଲଲାଟେନ୍ଦୁ ମିଶ୍ର,ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଏସଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ବିଡ଼ିଓ ସମୀର ବେହେରା, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ୩୦ ତାରିଖରେ ଗୋପ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୨୪/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ କେ ମାଧବୀଲତା, ଆଇଏଫଏସ୍ ପ୍ରୋବେଶନର ଅର୍ଣ୍ଣବ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ବୋଡ଼େନ ପଂଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୪୦ ଗୋଟି ବ୍ୟକ୍ତିଗତ ଓ ୨୨ଟି ଗୋଷ୍ଠିଗତ ଏଭଳି ମୋଟ୍ ୬୨ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଖଇରଭାଡି ଗ୍ରାମର ହିରେନ୍ଦ୍ରି ବାଗ ଓ ବିନାପୁର ଗ୍ରାମର ଶ୍ୟାମବନ୍ଧୁ ପାଣିଗ୍ରାହୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ବୋଡ଼େନ ତହସିଲଦାର ସରିତା ଗୁପ୍ତା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ଗୋଟିଏ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ରୋକାଲ ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଇଁ ଦିନଟିଏ ନାମରେ ଗୋଟିଏ ଚିକିତ୍ସା ଶିବିର ମଧ ଆୟୋଜିତ ହୋଇଥିଲା ।

# ପାଇକ ବିଦ୍ରୋହର ଶହୀଦ ଓ ସଂଗ୍ରାମୀମାନଙ୍କ ଗାଁ ହେଉ ବରପୁତ୍ର ଐତିହ୍ୟ ଗ୍ରାମ



ଖୋର୍ଦ୍ଧା, ୨୪/୩ (ନି.ପ୍ର): ପାଇକ ବିଦ୍ରୋହର ଶହୀଦ ଓ ସଂଗ୍ରାମୀମାନଙ୍କ ଗାଁ ବରପୁତ୍ର ଏତିହ୍ୟ ଗ୍ରାମ ଭାବେ ଘୋଷିତ ହେବା ଦାବିରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ କର୍ମକର୍ତା କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ବିଶେଷ ଅଧିବେଶନ ଅଂଜୁଶ୍ରୀ କଲ୍ୟାଣ ମଣ୍ଡପ ସନ୍ନିକଟ ମଙ୍ଗଳା ମନ୍ଦିର ସଭାଗୃହରେ ସଭାପତି ଭୀମସେନ ପ୍ରଧାନଙ୍କ ଅଧକ୍ଷତାରେ ତଥା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଓଡ଼ିଶାର ବରପୁତ୍ର ଶହୀଦ ଓ ସଂଗ୍ରାମୀମାନଙ୍କର ୨୫ ଟି ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିଛନ୍ତି। ସେଥିମଧ୍ୟରେ ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କ ଗ୍ରାମ ସ୍ଥାନ ପାଇଛି। ଖୋର୍ଦ୍ଧା ପାଇକ ବିଦ୍ରୋହରେ ଅଂଶ ଗ୍ରହଣ କରି ଶହୀଦ ଓ ସଂଗ୍ରାମୀ ଭାବେ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବିଭିନ୍ନ ଐତିହାସିକ ପୁସ୍ତକ ଅଧ୍ୟୟନ ପୂର୍ବକ ତାହା ନିରୁପିତ କରାଯାଇ ସେମାନଙ୍କ ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିବା ଫଳରେ ଆମ ଅସ୍ମିତାର ଜୟଗାନ ହୋଇପାରିବ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଦାରୁଠେଙ୍ଗର ପିଣ୍ଡିକି ବାହୁବଳେନ୍ଦ୍ର, ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ, ବାଣପୁର ଦେଓଗାଁର କୃତିବାସ ପାଟଶାଣୀ ଓ ତାଙ୍କ ପିତା ଶ୍ୟାମ ସୁନ୍ଦର ପାଟଶାଣୀ ଦଳବେହେରା, ପାଇକ ବିଦ୍ରୋହର ଉପନେତା ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପାଇକ ବିଦ୍ରୋହରେ ଫାଶୀ ବରଣ କରିଥିବା ଭୁବନେଶ୍ୱର ବଡ଼ଗଡ଼ର ଦଳବେହେରା ଶହୀଦ ପଦ୍ମନାଭ ଛୋଟରାୟ, ମେଣ୍ଢାଶାଳର ଶହୀଦ ରାମସିଂହ, ବାଙ୍କୋଇର ଶହୀଦ ସଚ୍ଚିଦାନନ୍ଦ ପଟ୍ଟନାୟକ ଓ ଶହୀଦ ପର୍ଶୁରାମ ରାଉତରାୟ, ଶହୀଦ ଗୋପାଳ ଛୋଟରାୟ ଓ ଶହୀଦ ନାଥ ପ୍ରଧାନଙ୍କ ଗ୍ରାମକୁ ମଧ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା କରାଯିବା ପାଇଁ ଦାବି ହୋଇଥିଲା। ବକ୍ସିଙ୍କ ପ୍ରଧାନ ସହଯୋଗୀ ଭାଟପଡ଼ା ଦଳବେହେରା, ଦୀନବନ୍ଧୁ ସାମନ୍ତରାୟ ମହାପାତ୍ର, ପଞ୍ଚୁପଲ୍ଲୀ ଦଳବେହେରା ସାମନ୍ତ ସିଂହାରପୁରର ଶ୍ରୀ ହରି ମାନସିଂହ, ଛତ୍ରଗଡ଼ ଦଳବେହେରା ରଥୀ ସାମନ୍ତସିଂହାର, ସିକୋର ଦାମ ସୁବୁଦ୍ଧି, କାଇପଦର ଦଳବେହେରା ବିଷ୍ଣୁ ହରିଚନ୍ଦନ ଓ ପୀତବାସ ମଙ୍ଗରାଜ, ନାଲସିଂହ ଦଳବେହେରା ବିଷ୍ଣୁ ହରିଚନ୍ଦନ ଓ ପୀତବାସ ମଙ୍ଗରାଜ, ନାଲସିଂହ ଦଳବେହେରା ଗୌରାଙ୍ଗ ବରିସଲ, ଢୁମୁଢୁମା ଦଳବେହେରା ମୀର ହାଇଦର ଅଲ୍ଲୀ, ସିରେଇ ଦଳବେହେରା କାଳିଆ ମାନସିଂହ, ଯମୁନା ଝାରପଡ଼ାର ଭଗବାନ ସିଂ, କରୁଣାକର ପରମଗୁରୁ, କୁଜଙ୍ଗର ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁ, ବଡ଼ପାରିର ଉପେନ୍ଦ୍ର ଜଗଦ୍ଦେବ, ଗଙ୍ଗପଡ଼ାର ଭାଗୁ ହରିଚନ୍ଦନ ଓ ମାଖନସିଂହ, ଯାଁଳା ସର୍ଦ୍ଦାର ଲୋକନାଥ ବଳିଆରସିଂହ, ପିପିଲି ପଦନପୁରର ସାମନ୍ତ ରାଜବଲ୍ଲଭ ଛୋଟରାୟଙ୍କ ଗ୍ରାମମାନଙ୍କୁ 'ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା କରାଯିବା ସହିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଗ୍ରାମ ସତ୍ୟଭାମାପୁର, ଭାରତର ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟ ଏବଂ ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ରାଜବଳୀ ତଥା ଲୋକ ପ୍ରଥମ ବ୍ୟକ୍ତିଭାବେ ୧୯୩୦ ମସିହାରେ ଜାତୀୟ ପତାକା ଉଡ଼ାଇ ଦୁଇଥର କାରାବରଣ କରିବା ଓ ନିଜର ସମସ୍ତ ସମ୍ପତି ବାଜ୍ୟାପ୍ତି ହୋଇଥିବା ମହାନ ସଂଗ୍ରାମୀ ବିଶ୍ୱନାଥ ସାମନ୍ତଙ୍କ ଚମ୍ପେଇଲ ଗ୍ରାମକୁ ମଧ ବରପୁତ୍ର ଐତିହ୍ୟ ଗ୍ରାମରୂପେ ଘୋଷଣା କରାଯିବା ପାଇଁ ଦାବି ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ପୂର୍ବତନ ସଭାପତି ବଂଶୀଧର ଜଗଦ୍ଦେବ, କର୍ମକର୍ତା ସର୍ବଶ୍ରୀ ଇଂ.ଶିଶିର କୁମାର ନାୟକ, ସତ୍ୟବାଦୀ ବଳିଆରସିଂହ, ରୁଷି ଗୁମାନସିଂହ, ସୁରଥ ବିଶ୍ୱାଳ, ଶ୍ରୀରଂଜନ ମଙ୍ଗରାଜ, ଅମରେନ୍ଦ୍ର ମହାପାତ୍ର, ସୁଧୀର ମାନସିଂହ, ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଫୁଲ୍ଲ ସାମନ୍ତରାୟ, ବୈଦ୍ୟନାଥ ବରାଳ, ରାମ ନାରାୟଣ ଦାଶ, ପ୍ରଦୀପ ବିଶ୍ୱାଳ, କବିରାଜ ପ୍ରଧାନ, ସୁବାସ ସାମନ୍ତରାୟ, ଭାଗିରଥି ମଙ୍ଗରାଜ, ଶକ୍ତିଧର ମହାପାତ୍ର, ବିନାୟକ ପାଇକରାୟ, ମନୋରଂଜନ ପଟ୍ଟମିକବାଟ, ପ୍ରଭାକର ପାଲଟାସିଂହ, ସମରେନ୍ଦ୍ର ବଳିଆରସିଂହ, ଧରଣୀଧର ଛୋଟରାୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଯେଉଁ ବରପୁତ୍ରମାନେ ରହି ଯାଇଛନ୍ତି ସେମାନଙ୍କ ନାମ ଓ ବିବରଣୀ ଖୋଜି ସ୍ଥାନିତ କରିବା ପାଇଁ ସ୍ଥିର ହେଲା। ଶେଷରେ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# 'ଶହୀଦ ଦିବସ' ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର 'ଶହୀଦ ଦିବସ' ଅବସରରେ ନୂଆଦିଲ୍ଲୀ ଠାରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଭାରତ ମାତାର ଅମର ବୀର ସନ୍ତାନ ଶହୀଦ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବ ଥାପଡ଼ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ଆମେ ୯୫ତମ ଶହୀଦ ଦିବସ ପାଳନ କରୁଛୁ । ଆଉ ୫ ବର୍ଷ ପରେ ଏହାର ଶତାବ୍ଦୀ ବର୍ଷ ଏବଂ ପ୍ରାୟ ୨୧ ବର୍ଷ ପରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳିତ ହେବ । ଭାରତର କୋଣ ଅନୁକୋଣରେ ସ୍ୱାଧୀନତା ସଂଗ୍ରାମର ସ୍ମୃତି ଗାଥା ଭରି ରହିଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଠାରୁ ଆରମ୍ଭ କରି ଭଗତ ସିଂହ ଏବଂ ଶହୀଦ ବାଜି ରାଉତଙ୍କ ପର୍ଯ୍ୟନ୍ତ ସମସ୍ତ ବୀରଙ୍କ ତ୍ୟାଗ ଓ ତପସ୍ୟା ଆମ ଜାତୀୟ ଚେତନାର ଆଧାରଶିଳା । ଆମେ ବାଜି ରାଉତଙ୍କ ଠାରୁ ରାଜଗୁରୁଙ୍କ ପର୍ଯ୍ୟନ୍ତ ସମସ୍ତ ଶହୀଦ ପରିବାରର ସଦସ୍ୟ, ଯାହା ୧୪୦ କୋଟି ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ସେ ଆହୁରି କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ଇତାହାସ ପୃଷ୍ଠାରେ ଅନାଲୋଚିତ ନାୟକ ବା ସଂଗ୍ରାମୀମାନଙ୍କ ଅବଦାନକୁ ସମ୍ମାନିତ କରାଯାଉଛି । ୧୮୩୫ରେ ଟି.ବି. ମାକାଉଲେ ଲାଗୁ କରିଥିବା ଶିକ୍ଷା ପଦ୍ଧତି ଓ ଗୋଲାମି ମାନସିକତାରୁ ଦେଶକୁ ମୁକ୍ତ କରିବା ଆମର ମୂଳ ଦାୟିତ୍ୱ । ଭାରତର ଆତ୍ମା, ସଂସ୍କୃତି ଓ ସ୍ୱାଭିମାନକୁ ପୁନଃସ୍ଥାପିତ କରିବା ଦିଗରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ସମେତ ସମସ୍ତେ ଦାୟିତ୍ୱ ନେବା ଉଚିତ୍।

ପୂର୍ବରୁ ଦେଶ ପାଇଁ ବଳିଦାନ ଦେବାର ସମୟ ଥିଲା, କିନ୍ତୁ ଆଜି ଦେଶ ପାଇଁ ବଞ୍ଚିବାର ଆବଶ୍ୟକତା ଅଛି । ଆମର ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା। ଏଥିପାଇଁ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ସ୍ୱାଭିମାନ ବୃଦ୍ଧି, ସ୍ୱଦେଶୀ ଅର୍ଥନୀତିର ସୁଦୃଢ଼ୀକରଣ, ଚାଷୀଙ୍କ ଆୟ ବୃଦ୍ଧି, ମହିଳା ଓ ଯୁବବର୍ଗଙ୍କୁ ସମ୍ମାନ ଏବଂ ବଞ୍ଚିତଙ୍କ କଲ୍ୟାଣ ପାଇଁ ଆମକୁ ଦାୟିତ୍ୱ ନେବାକୁ ହେବ । ଶେଷରେ, ଶ୍ରୀ ପ୍ରଧାନ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ'କୁ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାଧୁବାଦ ଜଣାଇବା ସହ ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଏବଂ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତ୍ରଣ ପତ୍ର ବଂଟନ

ମାଲକାନଗିରି, ୨୪/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅତ୍ୟନ୍ତ ଉତ୍ସାହର ସହ ଆଜି ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ମୁଣ୍ଡାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ବିଦ୍ୟାଳୟରେ ପହଂଚି ନୂତନ ଶିକ୍ଷାବର୍ଷ ପାଇଁ ନାମ ଲେଖାଇବାକୁ ଆସିଥିବା କୁନି କୁନି ପିଲାମାନଙ୍କୁ ଫୁଲ ଓ ଚକୋଲେଟ୍ ଦେଇ ସ୍ୱାଗତ କରିଥିଲେ। ଅଧିକାରୀମାନଙ୍କ ଏହି ଆତ୍ମୀୟତା ପିଲାମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ରାଜ୍ୟବ୍ୟାପୀ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ନାମଲେଖା ଏବଂ 'ନିପୁଣ ଓଡ଼ିଶା' କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ବଂଟନ କରାଯାଇଛି। ଜିଲ୍ଲାପାଳ ନିଜେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେ ସୂଚନା ପ୍ରଦାନ କରି କହିଥିଲେ ଯେ, ଆସନ୍ତା ଅପ୍ରେଲ ୨ ତାରିଖରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ନାମଲେଖା ଦିବସ ମହାସମାରୋହରେ ପାଳନ କରାଯିବ। ନୂତନ ଶିକ୍ଷାର୍ଥୀମାନଙ୍କୁ ପାରମ୍ପରିକ ରୀତିରେ ଚନ୍ଦନ ଓ ଫୁଲ ଦେଇ ସ୍ୱାଗତ କରାଯିବ। ବିଦ୍ୟାଳୟ ପରିଚାଳନା କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଅଧିବାସୀମାନଙ୍କୁ ସାମିଲ କରାଯିବ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ପଢ଼ି ସମସ୍ତଙ୍କୁ ଶୁଣାଇବେ। ଏହି କାର୍ଯ୍ୟକ୍ରମ ଜରିଆରେ ମାଲକାନଗିରି ଜିଲ୍ଲାରେ ଶତ ପ୍ରତିଶତ ନାମଲେଖା ସୁନିଶ୍ଚିତ କରିବା ସହ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଜୋସ୍ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି।

# ଡିଗ୍ରୀଠାରୁ ଜ୍ଞାନ ମନୁଷ୍ୟର ଚରିତ୍ରରେ ପ୍ରତିଫଳିତ ହୁଏ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆଜିର ଯୁଗରେ, ଶିକ୍ଷା ବଜାର ସମୃଦ୍ଧ ହେଉଛି। ସବୁଠି ଡିଗ୍ରୀ ପାଇଁ ପ୍ରତିଯୋଗିତା ଚାଲିଛି। ଯେମିତି ବିଏ, ଏମଏ, ପିଏଚଡି, ଏମବିଏ, ଏମସିଏ ଇତ୍ୟାଦି ଇତ୍ୟାଦି - ଏହି ପଦବୀଗୁଡ଼ିକ ଜୀବନରେ ସଫଳତାର ପଥ ହୋଇଗଲାଣି। କିନ୍ତୁ ଏଗୁଡ଼ିକ କ'ଣ ପ୍ରକୃତରେ ସଫଳତାର ଚାବିକାଠି ? ନା, ଆଦୌ ନୁହଁ। ଯେପରି କୁହାଯାଏ - ଡିଗ୍ରୀ କେବଳ ଆମର ଶିକ୍ଷା ଖର୍ଚ୍ଚର ରସିଦ। ଜ୍ଞାନ ହେଉଛି ଯାହା ଆମର ଚରିତ୍ରରେ ପ୍ରତିଫଳିତ ହୁଏ। ଏହି ଉକ୍ତି ଆମକୁ ଗଭୀର ଭାବରେ ପ୍ରତିଫଳିତ କରିବାକୁ ପ୍ରେରଣା ଦିଏ। ଡିଗ୍ରୀ ହେଉଛି ପୁସ୍ତକ ପୃଷ୍ଠାରୁ ପ୍ରାପ୍ତି, ଯାହା ଅତୀତର ବିନିଯୋଗକୁ ପ୍ରମାଣିତ କରେ, କିନ୍ତୁ ପ୍ରକୃତ ଜ୍ଞାନ ହେଉଛି ଯାହା ଆମର ଆଚରଣ, ନିଷ୍ପତ୍ତି ଏବଂ ନୀତିଶାସ୍ତ୍ରରେ ପ୍ରତିଫଳିତ ହୁଏ। ବ୍ୟକ୍ତିତ୍ୱ ବିକାଶର ମୂଳ ଏହି ଜ୍ଞାନରେ ନିହିତ, ଯାହା ଡିଗ୍ରୀକୁ ଅତିକ୍ରମ କରି ଆମକୁ ଭଲ ମଣିଷ କରିଥାଏ। ପ୍ରଥମେ, ଡିଗ୍ରୀର ସୀମାକୁ ବୁଝିବା। ଡିଗ୍ରୀ ହେଉଛି ପରୀକ୍ଷା ସ୍କୋର ଉପରେ ଆଧାରିତ ଏକ କାଗଜ ପ୍ରମାଣପତ୍ର। ଏହା କେବଳ ପୁସ୍ତକ ଜ୍ଞାନର ଏକ ସଂଗ୍ରହ। ଉଦାହରଣ ସ୍ୱରୂପ, ଆବ୍ରାହମ ଲିଙ୍କନ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତଥାପି ସେ ଯୁକ୍ତରାଷ୍ଟ୍ରର ଜଣେ ମହାନ ରାଷ୍ଟ୍ରପତି ହୋଇଥିଲେ। ଭାରତରେ, ମହାତ୍ମା ଗାନ୍ଧୀଙ୍କ ପାଖରେ ଆଇନ ଡିଗ୍ରୀ ଥିଲା, କିନ୍ତୁ ତାଙ୍କର ପ୍ରକୃତ ଜ୍ଞାନ ଅହିଂସା ଏବଂ ସତ୍ୟାଗ୍ରହରେ ପ୍ରତିଫଳିତ ହୋଇଥିଲା। ତାଙ୍କ ପାଖରେ ଡିଗ୍ରୀ ଥିଲା, କିନ୍ତୁ ତାଙ୍କ ଚରିତ୍ର ତାଙ୍କୁ ଅମର କରିଦେଇଥିଲା। ଆଜିକାଲି ଯୁବକମାନେ ଚାକିରି ପାଇଁ ଡିଗ୍ରୀ ସଂଗ୍ରହ କରନ୍ତି, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା, ସହନଶୀଳତା ଏବଂ ନେତୃତ୍ୱର ଅଭାବ ସେମାନଙ୍କୁ ବିଫଳ କରିଥାଏ। ପ୍ରକୃତ ଜ୍ଞାନ ଆଭ୍ୟନ୍ତରୀଣ - ଏହା ଆମ ମାନଙ୍କ କ୍ରୋଧ ଉପରେ ନିୟନ୍ତ୍ରଣ, ଅନ୍ୟମାନଙ୍କ ପ୍ରତି କରୁଣା ଏବଂ ଅସୁବିଧାର ସମ୍ମୁଖୀନ ହେବା ସମୟରେ ଧୈର୍ଯ୍ୟ ଭାବରେ ପ୍ରକାଶିତ ହୁଏ।

ଡିଗ୍ରୀ ଆମ ମାନଙ୍କୁ ଚାକିରି ଦେଇପାରେ, କିନ୍ତୁ ଚରିତ୍ର ଆମ ମାନଙ୍କୁ ସମ୍ମାନ ପ୍ରଦାନ କରେ। ନିଜକୁ ପଚାରନ୍ତୁ ଯେ ମୋର ଡିଗ୍ରୀ କ'ଣ ମୋର ଆଚରଣକୁ ପ୍ରତିଫଳିତ କରେ ? ପ୍ରାଚୀନ ଭାରତୀୟ ଦର୍ଶନରେ ଭଗବଦ ଗୀତା କହେ, 'ଜ୍ଞାନମ୍ ବିଜ୍ଞାନସାହିତମ୍,' ଅର୍ଥାତ୍ ଜ୍ଞାନ ହେଉଛି ଯାହା ଜ୍ଞାନୀ। ବ୍ୟକ୍ତିତ୍ୱ ବିକାଶ ପାଇଁ, ପ୍ରତିଦିନ ଆତ୍ମ-ମୂଲ୍ୟାଙ୍କନ ଅଭ୍ୟାସ କରିବା ଉଚିତ୍। ଏକ ଡାଏରୀ ରଖିବା ଉଚିତ୍ , ଯାହା ଆଜି ଆମେ ମାନେ କେତେ ଜ୍ଞାନ ଅର୍ଜନ କରିଛନ୍ତି ତାହା ଲେଖି ରଖିବା ଦରକାର ଯାହା ଆମ ମାନଙ୍କ ଚରିତ୍ରକୁ ସୁଦୃଢ଼ କରିବ। ଉଦାହରଣ ସ୍ୱରୂପ, ଯଦି ଆମେ ମାନେ କ୍ଷୁବ୍ଧ, ତେବେ ଧ୍ୟାନ ଏବଂ ଯୋଗ ମାଧ୍ୟମରେ ଧୈର୍ଯ୍ୟ ବିକଶିତ କରିବା ଉଚିତ୍। ଏହା ଆମର ଚରିତ୍ରକୁ ଉନ୍ନତ କରିବ, ଯାହା ଡିଗ୍ରୀ ଅପେକ୍ଷା ବହୁତ ମୂଲ୍ୟବାନ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନୈତିକ ମୂଲ୍ୟବୋଧର ବିକାଶ। ଡିଗ୍ରୀ ବଜାରରେ ବିକ୍ରି ହୋଇପାରିବ, କିନ୍ତୁ ଚରିତ୍ର କେବେବି ନୁହେଁ। ଦୁର୍ନୀତି, ମିଛ ଏବଂ ସ୍ୱାର୍ଥପରତା ଆଜିର ଡିଗ୍ରୀଧାରୀ ପିଢ଼ିର ଅଭିଶାପ। ପ୍ରକୃତ ଜ୍ଞାନ ସଚ୍ଚୋଟତା ଶିଖାଏ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ୍ରତ ହୁଅ, ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ରୁହ ନାହିଁ।' କିନ୍ତୁ ଲକ୍ଷ୍ୟ କ'ଣ ? ଟଙ୍କା ରୋଜଗାର କରିବା ପାଇଁ ନୁହେଁ, ବରଂ ଚରିତ୍ର ଗଠନ କରିବା ପାଇଁ। ବ୍ୟକ୍ତିତ୍ୱ ବିକାଶ ପାଇଁ, ସେବାର ପଥ ଗ୍ରହଣ କରିବା ଉଚିତ୍ । ଜଣେ ଗରିବ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଚିତ୍, ନିଜ ପଡ଼ୋଶୀଙ୍କ ସହିତ ସମନ୍ୱୟରେ ରଖିବା ଉଚିତ୍ । ଏହା ଆମର ଜ୍ଞାନକୁ ଚରିତ୍ରରେ ପରିଣତ କରିବ। ଏକ କାହାଣୀ ମନେ ପଡ଼େ- ଜଣେ ଗରିବ ଚାଷୀଙ୍କ ପାଖରେ ଡିଗ୍ରୀ ନଥିଲା, କିନ୍ତୁ ତାଙ୍କର କଠିନ ପରିଶ୍ରମ ଏବଂ ସାଧୁତା ତାଙ୍କୁ ତାଙ୍କ ଗାଁର ନେତା କରିଥିଲା। ଲୋକମାନେ ତାଙ୍କ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇଥିଲେ, ତାଙ୍କ ଡିଗ୍ରୀ ଦ୍ୱାରା ନୁହେଁ।

ତୃତୀୟରେ ହେଉଛି ଦକ୍ଷତା ବିକାଶ ଏକ ମୁଖ୍ୟ କଥା। ଏହା ବ୍ୟକ୍ତିତ୍ୱର ତୃତୀୟ ସ୍ତମ୍ଭ। ଡିଗ୍ରୀ ତାତ୍ତ୍ୱିକ ଜ୍ଞାନ ପ୍ରଦାନ କରେ, କିନ୍ତୁ ବ୍ୟବହାରିକ ଦକ୍ଷତା ଚରିତ୍ରର ପ୍ରମାଣ। ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ - ଏହି ଗୁଣଗୁଡ଼ିକ କାର୍ଯ୍ୟ ଜୀବନରେ ଫଳସୁଛି। ଆଜିର ଡିଜିଟାଲ ଯୁଗରେ, ଅନଲାଇନ୍ ପାଠ୍ୟକ୍ରମରୁ ଶିଖି , ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ । ଉଦାହରଣ ସ୍ୱରୂପ, ଏପିଜେ ଅବଦୁଲ କଲାମଙ୍କର ଇଞ୍ଜିନିୟରିଂ ଡିଗ୍ରୀ ଥିଲା, କିନ୍ତୁ ପିଲାମାନଙ୍କୁ ପ୍ରେରଣା ଦେବାର ତାଙ୍କର କ୍ଷମତାରେ ତାଙ୍କର ଜ୍ଞାନ ପ୍ରତିଫଳିତ ହୋଇଥିଲା। ସେ କହୁଥିଲେ, 'ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇବା ସମୟରେ ଦେଖ, ବରଂ ଯାହା ତୁମକୁ ଜାଗ୍ରତ ରଖେ।' ବ୍ୟକ୍ତିତ୍ୱ ବିକାଶ ପାଇଁ ସ୍ୱପ୍ନକୁ ଚରିତ୍ର ସହିତ ଲିଙ୍କ କରିବା ଉଚିତ୍ । ପ୍ରତିଦିନ ଏକ ନୂତନ କୌଶଳ ଶିଖିବା ଉଚିତ୍ - ତାହା ସାଧାରଣ ଭାଷଣ ହେଉ କିମ୍ବା ଭାବପ୍ରବଣ ବୁଦ୍ଧି। ଡିଗ୍ରୀ ଜୀବନର ଶେଷ ନୁହେଁ, ଏହା ଆରମ୍ଭ ଆଉ ଜ୍ଞାନର କୌଣସି ସୀମା ନାହିଁ। ଏଥିପାଇଁ ବହୁତ ପୁସ୍ତକ ପଢିବା ଉଚିତ, ତାହା ଆଧ୍ୟାତ୍ମିକ ପୁସ୍ତକ ହେଉ ଅବା ସାମାଜିକ ପଠନ ପୁସ୍ତକ ହେଉ । କିନ୍ତୁ ପଢ଼ିବା କେବଳ ଯଥେଷ୍ଟ ନୁହେଁ; ଏହାକୁ ଆମ ମାନଙ୍କ ଜୀବନରେ ପ୍ରୟୋଗ କରିବା ଉଚିତ୍ । କଷ୍ଟକୁ ସୁଯୋଗ ଭାବରେ ବିଚାର କରିବା ଉଚିତ୍ । ମହାମାରୀ ସମୟରେ ଅନେକ ଡିଗ୍ରୀ ହରାଇଥିଲେ, କିନ୍ତୁ ଯେଉଁମାନେ ଦୃଢ଼ ଚରିତ୍ର ବଜାୟ ରଖିଥିଲେ ସେମାନେ ଆଗକୁ ବଢ଼ିଲେ। ଶେଷରେ ମନେ ରଖିବା ଉଚିତ୍ ଯେ ଡିଗ୍ରୀ ଆଲମାରୀରେ ଧୂଳି ଜମା କରିପାରେ, କିନ୍ତୁ ଚରିତ୍ର ଜୀବନସାରା ଉଜ୍ଜ୍ୱଳ ହୁଏ। ବ୍ୟକ୍ତିତ୍ୱ ବିକାଶ ଏକ ଯାତ୍ରା ଯାହା ଡିଗ୍ରୀ ନୁହେଁ, ଆତ୍ମ-ଶୁଦ୍ଧି ସହିତ ଆରମ୍ଭ ହୁଏ। ଆଜି ହିଁ ପ୍ରତିଜ୍ଞା ନେବା ଉଚିତ୍ ଯେ - ଆମ ଜ୍ଞାନକୁ ଚରିତ୍ରର ଅଳଙ୍କାର କରିବା ଆଉ ଆମର ଚରିତ୍ର ଦୃଢ଼ ହେଲେ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

+ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ଇଚ୍ଛାମୃତ୍ୟୁକୁ ସ୍ୱୀକୃତି

ଡାକ୍ତର ରାଜକିଶୋର ପଣ୍ଡା



ଭାରତର ସୁପ୍ରିମକୋର୍ଟ, ଏଗାର ମାର୍ଚ୍ଚ ୨୦୨୬ ରେ ଗାଜିଆବାଦର ଏକତିରିଶ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ (ପ୍ୟାସିଭ୍ ଇଉଥାନାସିଆ) ପାଇଁ ଅନୁମତି ଦେଇଛନ୍ତି। ପାଖାପାଖି ତେର ବର୍ଷ ଧରି କୋମାରେ ରହିଥିବା ଏହି ଯୁବକଙ୍କ ପାଇଁ ଅଦାଲତର ଏହି ରାୟ କେବଳ ଗୋଟିଏ ଆଇନଗତ ନିର୍ଦ୍ଦେଶ ମାତ୍ର ନୁହେଁ, ବରଂ ଜୀବନ, ମୃତ୍ୟୁ ଓ ମାନବୀୟ ସମ୍ମାନ ଭିତରେ ସନ୍ତୁଳନ ରଖିବା ପାଇଁ ଏକ ମହନୀୟ ଚେଷ୍ଟା ମଧ୍ୟ ଅଟେ।

ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ପାଠକମାନେ ଗୋଟିଏ ପ୍ରସଙ୍ଗ ସର୍ବାଗ୍ରେ ଜାଣିବା ଦରକାର। ତାହା ହେଉଛି, ଇଉଥାନାସିଆ କହିଲେ ଆମେ କଣ ବୁଝିବା !

ଅକ୍ସଫୋର୍ଡ଼ ଇଂରାଜୀ-ଓଡ଼ିଆ ଶବ୍ଦକୋଷରେ ଇଉଥାନାସିଆ ଶବ୍ଦର ଅର୍ଥ ଏହିପରି ଅଛି - "ଦୁରାରୋଗ୍ୟ ରୋଗରେ ବହୁକଷ୍ଟ ପାଇ ମୃତ୍ୟୁକୁ ଅପେକ୍ଷା କରିଥିବା ବ୍ୟକ୍ତିଙ୍କୁ କଷ୍ଟ ନ ଦେଇ ସାବଲୀଳ ଭାବରେ ମାରିଦେବା।"

ଏବେ ଆସିବା ଏହାର ପ୍ରକାରଭେଦକୁ। ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଆକ୍ଟିଭ୍ (ପ୍ରତ୍ୟକ୍ଷ), ଅନ୍ୟଟି ହେଉଛି ପ୍ୟାସିଭ୍ (ପରୋକ୍ଷ)। ପ୍ରଥମେ ଆସିବା ପ୍ୟାସିଭ୍ (ପରୋକ୍ଷ) ଇଉଥାନାସିଆକୁ। ଯେତେବେଳେ ଜଣେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ଜୀବନ ରକ୍ଷାକାରୀ ଯନ୍ତ୍ରପାତି ସହକାରେ ହିଁ କେବଳ ଜୀବିତ ଥାଏ ଏବଂ ଉପରୋକ୍ତ ଯନ୍ତ୍ରପାତିକୁ ପ୍ରତ୍ୟାହାର କରିନେବାଦ୍ୱାରା ତା'ର ମୃତ୍ୟୁ ତ୍ୱରାନ୍ୱିତ ହୋଇପାରିଥାଏ, ତାହାକୁ କୁହାଯାଏ ପ୍ୟାସିଭ୍ ଇଉଥାନାସିଆ। ଉଦାହରଣ ସ୍ୱରୂପ:- ହରିଶ ରାଣାଙ୍କ ପରିସ୍ଥିତି।

ଆକ୍ଟିଭ୍ ଇଉଥାନାସିଆ - ଏଥିରେ କୌଣସି ସ୍ନାୟୁବିକ ଔଷଧର ମାତ୍ରାଧିକ ପରିମାଣକୁ ଇଞ୍ଜେକ୍ସନ ମାଧ୍ୟମରେ ରୋଗୀକୁ ଦିଆଯାଇ ତା'ର ମୃତ୍ୟୁକୁ ତ୍ୱରାନ୍ୱିତ କରାଯାଇଥାଏ। ଭାରତ ଭଳି ଅଧିକାଂଶ ଦେଶରେ ଏହା ବେଆଇନ୍ ଅଟେ। ନେଦରଲ୍ୟାଣ୍ଡ, ବେଲଜିୟମ୍ ଭଳି ଦେଶରେ ଯଦିଓ ଏହାକୁ ସ୍ୱୀକୃତି ମିଳିଛି, ଏଥିପାଇଁ କିନ୍ତୁ ରୋଗୀର ଅନୁମତି ଏବଂ ସ୍ଥଳବିଶେଷରେ ରୋଗୀ ଅନୁମତି ଦେବା ଭଳି ସ୍ଥିତିରେ ନଥିଲେ, ତା'ର ପରିବାରବର୍ଗଙ୍କର ଅନୁମତି ନିତାନ୍ତ ଭାବରେ ଆବଶ୍ୟକ ହୋଇଥାଏ।

ଆକ୍ଟିଭ୍ ଇଉଥାନାସିଆରେ ବ୍ୟବହାର କରାଯାଉଥିବା ସ୍ନାୟୁବିକ ଔଷଧଗୁଡ଼ିକ ହେଉଛି :-ପେଣ୍ଟୋବାର୍ବିଟାଲ, ପାନ୍‌କୁରୋନିୟମ ଓ ପୋଟାସିୟମ କ୍ଲୋରାଇଡ। ଇଉଥାନାସିଆ ଏକ ଅତ୍ୟନ୍ତ ବିବାଦାତ୍ମକ ବିଷୟ ଅଟେ। କିଛି ଲୋକଙ୍କର ମାନ୍ୟତା ଏହା ଯେ, ଜୀବନ ଦାନ ଈଶ୍ୱର ହିଁ କରୁଛନ୍ତି ଓ ନେବାର ଅଧିକାର ମଧ୍ୟ କେବଳ ଈଶ୍ୱରଙ୍କର। ଯଦି ଇଉଥାନାସିଆକୁ ଆଇନତଃ ସ୍ୱୀକୃତି ଦିଆଯାଏ ତେବେ ରୋଗୀମାନଙ୍କ ଇଚ୍ଛା ବିରୁଦ୍ଧରେ ଚିକିତ୍ସକମାନେ ଏହି ପ୍ରକ୍ରିୟାକୁ ଆପଣାଇ ପାରନ୍ତି। ଯାହା କି ହତ୍ୟା ସାଙ୍ଗରେ ସମାନ। ହରିଶ ରାଣାଙ୍କର ଜୀବନ ବିଗତ ତେର ବର୍ଷ ଧରି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା।

୨୦୧୩ ମସିହାରେ ଚଣ୍ଡୀଗଡ଼ରେ ପଢୁଥିବା ସମୟରେ ସେ ଚତୁର୍ଥ ମହଲାରୁ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହା ପରଠାରୁ ହିଁ ସେ କୋମାରେ ଅଛନ୍ତି। ଚିକିତ୍ସକମାନଙ୍କର କହିବା କଥା ଯେ, ତାଙ୍କର ଭଲ ହେବାର ଆଉ କୌଣସି ସମ୍ଭାବନା ନାହିଁ। ବର୍ତ୍ତମାନ ସେ କେବଳ ଜୀବନ ରକ୍ଷାକାରୀ ଉପକରଣ ସାହାଯ୍ୟରେ ହିଁ ଜୀବିତ ଅଛନ୍ତି। ତେଣୁ ହରିଶଙ୍କର ପିତାମାତା ହିଁ କୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ ଓ ଯେହେତୁ ତାଙ୍କ ପୁଅର ଭଲ ହେବାର ଆଉ କୌଣସି ସମ୍ଭାବନା ନାହିଁ, ସେଥିପାଇଁ ତାକୁ ଇଚ୍ଛାମୃତ୍ୟୁ ଦେବା ପାଇଁ ସେମାନେ ନ୍ୟାୟାଳୟର ଅନୁମତି ଚାହିଁଥିଲେ। ମାମଲାଟିର ଶୁଣାଣି କରି ସୁପ୍ରିମକୋର୍ଟର ଜଜ୍ ଜେ.ବି. ପାରଦିୱାଲା ଓ କେ.ଭି. ବିଶ୍ୱନାଥନ୍, ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନକୁ ନିର୍ଦ୍ଦେଶ ଦେଇଛନ୍ତି କି, ହରିଶଙ୍କୁ ପାଲିଏଟିଭ୍ କେୟାରରେ ଭର୍ତ୍ତି କରାଯାଉ ଓ ବିଶେଷଜ୍ଞମାନଙ୍କର ପରାମର୍ଶକ୍ରମେ ଜୀବନ ରକ୍ଷାକାରୀ ଯନ୍ତ୍ରପାତିକୁ ପ୍ରତ୍ୟାହାର କରାଯାଉ। ପାଲିଏଟିଭ୍ କେୟାର ହେଉଛି ଏକ ପ୍ରକାରର ଉପଶମ ସୃଷ୍ଟିକାରୀ ଚିକିତ୍ସା ପଦ୍ଧତି। ସାଧାରଣତଃ ଦୁରାରୋଗ୍ୟ ବ୍ୟାଧି ଯେପରିକି କର୍କଟ, ପକ୍ଷାଘାତରେ ଏହି ପାଲିଏଟିଭ୍ ଚିକିତ୍ସା ଦରକାର ପଡ଼ିଥାଏ। ଏହାର ମୂଳ ଉଦ୍ଦେଶ୍ୟ ମୃତ୍ୟୁ ପର୍ଯ୍ୟନ୍ତ ରୋଗୀର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ଏବଂ ଅସହନୀୟ ଯନ୍ତ୍ରଣାର ଉପଶମ ଘଟାଇବା ଇତ୍ୟାଦି।

ହରିଶଙ୍କ ମାମଲାରେ ରାୟ ଦେଲାବେଳେ ଜଷ୍ଟିସ୍ ପାରଦିୱାଲା ଅତ୍ୟନ୍ତ ଭାବପ୍ରବଣ ହୋଇ କହିଛନ୍ତି କି, କୋର୍ଟଙ୍କ ପାଇଁ ମଧ୍ୟ ଏହି ମାମଲାରେ କୌଣସି ନିଷ୍କର୍ଷରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ଥିଲା କିନ୍ତୁ ଏହା ମଧ୍ୟ ଉଚିତ୍ ଯେ କୌଣସି ବ୍ୟକ୍ତି ବିଶେଷଙ୍କୁ ଅନନ୍ତ ଯନ୍ତ୍ରଣା ଦେଇ ରଖିବା ଆଦୌ ଠିକ୍ ନୁହେଁ। ଯେପରି ପ୍ରତ୍ୟେକ ବ୍ୟକ୍ତିର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ସେହିପରି ଭାବେ ମୃତ୍ୟୁବରଣ କରିବାର ମଧ୍ୟ ଅଧିକାର ରହିଛି।

ଇଚ୍ଛାମୃତ୍ୟୁକୁ ଆଇନ ସ୍ୱୀକୃତି ଦେବା ପରିପ୍ରେକ୍ଷୀରେ ଦୁଇଟି ପୁରୁଣା ମାମଲା ନଜରକୁ ଆସିଥାଏ। ଗୋଟିଏ ହେଉଛି ୨୦୧୧ ମସିହାର ଅରୁଣା ଶାନଭାଗ ମାମଲା ଓ ଅନ୍ୟଟି ୨୦୧୮ ମସିହାର ଏନ.ଜି.ଓ କମନକଜ୍ ବନାମ ଭାରତ ସଂଘ ମାମଲା। ଅରୁଣା ଶାନଭାଗ ମୁମ୍ବାଇର କେ.ଇ.ଏମ୍ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟରତ ଥିଲା ବେଳେ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିଲେ ଏବଂ ଏଥିରେ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିବା ଫଳରେ ସେ କୋମାକୁ ଚାଲିଯାଇଥିଲେ। ଏହାପରେ ପାଖାପାଖି ୪୨ ବର୍ଷ ସେ କେ.ଇ.ଏମ୍ ରେ କୋମା ଅବସ୍ଥାରେ ଚିକିତ୍ସାଧୀନ ରହିଲେ। ଅରୁଣାଙ୍କର ଏ ପରିସ୍ଥିତିକୁ ଲକ୍ଷ୍ୟ କରି ତାଙ୍କ ବନ୍ଧୁ ପିଙ୍କି ବିରାନୀ ସୁପ୍ରିମକୋର୍ଟରେ ତାଙ୍କୁ ଇଚ୍ଛାମୃତ୍ୟୁ ଦେବା ପାଇଁ ଆବେଦନ କରିଥିଲେ। କୋର୍ଟ କିନ୍ତୁ ଏହାକୁ ନାକଚ କରିଦେଇଥିଲେ ଯଦିଓ ଅତ୍ୟନ୍ତ ଦୁରାରୋଗ୍ୟ ପୀଡ଼ିତ ରୋଗୀଙ୍କୁ ଇଚ୍ଛାମୃତ୍ୟୁ ଦେବା ପାଇଁ କୋର୍ଟ ମତବ୍ୟକ୍ତ କରିଥିଲେ। କୋର୍ଟଙ୍କର ଏହି ରାୟରେ ସବୁଠାରୁ ଖୁସି ହୋଇଥିଲେ, କେ.ଇ.ଏମ ର ନର୍ସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ। ମିଠା ବାଣ୍ଟି ଓ କେକ୍ କାଟି ସେମାନେ ଖୁସି ମନାଇଥିଲେ। ଏହାପରେ ଆସିବା "କମନକଜ୍ ବନାମ ଭାରତ ସଂଘ" ମାମଲାକୁ। ୨୦୧୮ ମସିହାର ଏହି କେସ୍‌ରେ ଐତିହାସିକ ରାୟ ଦେଇ ସୁପ୍ରିମକୋର୍ଟ ନିଷ୍କ୍ରିୟ (ପ୍ୟାସିଭ୍) ଇଚ୍ଛାମୃତ୍ୟୁକୁ ସାମ୍ବିଧାନିକ ମାନ୍ୟତା ଦେବା ସହ "ଲିଭିଙ୍ଗ ୱିଲ" ଚିନ୍ତାଧାରାକୁ ଅନୁମତି ଦେଲେ। "ଲିଭିଙ୍ଗ ୱିଲ" ବ୍ୟବସ୍ଥାରେ ଜଣେ ବ୍ୟକ୍ତି ବିଶେଷ ପ୍ରଥମରୁ ହିଁ ଲିଖିତ ଭାବରେ ଘୋଷଣା କରିପାରିବେ କି ଭବିଷ୍ୟତରେ ଯଦି ସେ କୌଣସି ଅସାଧ୍ୟ ରୋଗ କିମ୍ବା ଏପରି କୌଣସି ପରିସ୍ଥିତିର ଶିକାର ହେବେ, ଯାହାଦ୍ୱାରା ତାଙ୍କର ସାଧାରଣ ଭାବରେ ଜୀବନ ଯାପନ କରିବାର ସମ୍ଭାବନା ସମାପ୍ତ ହୋଇଯିବ, ତାହା ହେଲେ ତାଙ୍କ ଘୋଷଣା ମୁତାବକ ତାଙ୍କୁ ଜୀବନ ରକ୍ଷାକାରୀ ପ୍ରଣାଳୀ ସହଯୋଗରେ ଜୀବିତ ରଖାଯିବ ନାହିଁ।

ଇଚ୍ଛାମୃତ୍ୟୁର ବିଚାର ସମ୍ବିଧାନର ଅନୁଚ୍ଛେଦ- ୨୧ ସମ୍ପର୍କିତ ଅଟେ। ଏହି ଅନୁଚ୍ଛେଦଟି ଭାରତର ପ୍ରତ୍ୟେକ ନାଗରିକଙ୍କୁ ବଞ୍ଚିବାର ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଥାଏ। ସମୟକ୍ରମେ ନ୍ୟାୟପାଳିକା ଏହି ଅନୁଚ୍ଛେଦର ପରିସରକୁ ବ୍ୟାପକ କରିବା ସହ ସମ୍ମାନପୂର୍ଣ୍ଣ ଜୀବନକୁ ମଧ୍ୟ ଏହା ସହ ଯୋଡ଼ିଛନ୍ତି, ଯାହା ଇଚ୍ଛାମୃତ୍ୟୁକୁ ଏହାର ପରିସରଭୁକ୍ତ କରୁଛି।

ହରିଶ ରାଣା ମାମଲା ନ୍ୟାୟାଳୟ ସମ୍ମୁଖରେ କେବଳ ଗୋଟିଏ ଆଇନଗତ ସମସ୍ୟା ହୋଇ ରହିନଥିଲା। ବରଂ ଏହା ଥିଲା ଗୋଟିଏ ପରିବାରର ଦୁଃଖ ଓ କଷ୍ଟ, ଜଣେ ଯୁବକର ଆଶାହୀନ, ଦିଶାହୀନ ଭବିଷ୍ୟତ ଏବଂ ଡାକ୍ତରୀ ବିଦ୍ୟାର ସୀମା। ଏସବୁକୁ ବିଚାରକୁ ନେଇ କୋର୍ଟ ନିଷ୍ପତ୍ତି ଶୁଣାଇଛନ୍ତି।

ଚିକିତ୍ସା ସେବାର ବ୍ୟାପକ ଉନ୍ନତି ହେତୁ ଆଜି ଭାରତର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅଧିକାଂଶ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଅଧିକାଂଶ ମୃତ୍ୟୁ ମଧ୍ୟ ସେଠାରେ ହିଁ ହେଉଛି। ରୋଗୀଟିଏ ଦୁଃସାଧ୍ୟ ରୋଗରେ ପୀଡ଼ିତ ହେବା ପରେ ଏବଂ ଭଲ ହେବାର କୌଣସି ସମ୍ଭାବନା ନଥିଲେ ମଧ୍ୟ ତା'ର ଜ୍ଞାତିଜନ ସେବା ଅବ୍ୟାହତ ରଖୁଛନ୍ତି। ଏହାର କାରଣ ପରିବାରବର୍ଗ ଭାବୁଛନ୍ତି ଯେ, ରୋଗୀଟିର ସେବା ନ କରିବା ନୈତିକତା ଦୃଷ୍ଟିରୁ ଅନୁଚିତ ଏବଂ ସାମାଜିକତା ଦୃଷ୍ଟିରୁ ମଧ୍ୟ ସେମାନଙ୍କ ଉପରେ ଅପବାଦ ଲାଗିବ। ଏହାଦ୍ୱାରା ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ବେଶ୍ ଅସୁବିଧାରେ ପଡୁଛନ୍ତି। ସହଜେ ରୋଗୀଟି ମଧ୍ୟ କଷ୍ଟ ଯନ୍ତ୍ରଣାରେ ହନ୍ତସନ୍ତ ହେଉଛି।

ଆହୁରି ମଧ୍ୟ ଭାରତର ଡାକ୍ତରଖାନାମାନଙ୍କରେ ସାଧାରଣ ଶଯ୍ୟାଠାରୁ ଆଇ.ସି.ୟୁ. ପର୍ଯ୍ୟନ୍ତ ବ୍ୟବସ୍ଥାର ଅଭାବ ଲାଗିରହିଛି। ଆଶାହୀନ ରୋଗୀମାନେ ଶଯ୍ୟା ଓ ଆଇ.ସି.ୟୁ. ଆଦିରେ ରହିଲେ ତାହା ଆଶାବାନ୍ ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସ୍ୱାଭାବିକ। ଏମିତିରେ ବି ଯେତେ ପର୍ଯ୍ୟନ୍ତ ବ୍ୟକ୍ତି ଜୀବନ ରକ୍ଷାକାରୀ ପ୍ରଣାଳୀ ବ୍ୟବହାର କରିବ ନାହିଁ ବୋଲି ଲିଖିତ ଭାବରେ ଦେଇନାହିଁ, ତା'ର ପରିବାରବର୍ଗ ସେ ଦିଗରେ ଅଗ୍ରସର ହୋଇପାରିବେ ନାହିଁ, ତେଣୁ ଏ ଦିଗରେ "ଲିଭିଙ୍ଗ ୱିଲ" ଗୋଟିଏ ଭଲ ବ୍ୟବସ୍ଥା।

ଏହି ରାୟଟି ଭାରତୀୟ ସମାଜ ସମ୍ମୁଖରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛି କି, ଜୀବନ କ'ଣ କେବଳ ନିଃଶ୍ୱାସ ପ୍ରଶ୍ୱାସର ନିରନ୍ତରତାରେ ସୀମିତ ନା ସେଥିରେ ମାନବୀୟ ସମ୍ମାନ ଓ କଷ୍ଟରୁ ମୁକ୍ତିର ମଧ୍ୟ ସ୍ଥାନ ରହିଛି। କୋର୍ଟ ନିଜ ରାୟରେ ଏହା ସ୍ପଷ୍ଟ କରିଦେଇଛନ୍ତି କି, ସମ୍ବିଧାନ ମାନବତାର ସମ୍ମାନକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଥାଏ। ଏହି ନିର୍ଣ୍ଣୟ ମଧ୍ୟ ଭାରତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଛି ସଂସ୍କାରର ଆବଶ୍ୟକତାକୁ ପୁଣି ଥରେ ଦୋହରାଇଛି। ତାହା ହେଉଛି, ଆଜି ବି କର୍କଟ, ଗମ୍ଭୀର ଦୁର୍ଘଟଣା, ପକ୍ଷାଘାତରେ ପୀଡ଼ିତ ଶହଶହ ରୋଗୀ ପାଲିଏଟିଭ୍ କେୟାର୍ ପାଇପାରୁନାହାନ୍ତି। ଅସହ୍ୟ ରୋଗ ଯନ୍ତ୍ରଣା ଓ ମାନସିକ ଯନ୍ତ୍ରଣାରେ ସେମାନେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ତେଣୁ ବ୍ୟାପକ ଭାବରେ ପାଲିଏଟିଭ୍ କେୟାର୍ ଯୋଗାଇ ଦିଆଗଲେ, ରୋଗୀମାନେ କିଛି ମାତ୍ରାରେ ସାନ୍ତ୍ୱନା ହେବା ସହ ତାଙ୍କ ପରିବାରବର୍ଗ ମଧ୍ୟ ଆଶ୍ୱସ୍ତ ହୋଇପାରନ୍ତେ।

♥ ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

# ଏମିତି କାହାଣି କେବେ ଶୁଣିନି

ସୁବାସ କୁମାର ତାରଣିଆଁ

ପ୍ରତିଦିନ ଖବରକାଗଜ ପଢିଲା ବେଳେ, ଯୌତୁକ ଲୋଭରେ ନବବଧୂକୁ ହତ୍ୟା, ସ୍ୱାମୀ, ଶଶୂର ଓ ଶାଶୁ ଗିରଫ। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ବଡ଼ଭାଇକୁ ହତ୍ୟା କଲା ସାନଭାଇ। ସମ୍ପତ୍ତି ଲୋଭରେ ଶଶୂରଙ୍କୁ ବିଷଦେଇ ମାରିଲା ବୋହୁ। ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀ ପରିବାରକୁ ଆକ୍ରମଣ, ପୂର୍ବ ଶତୃତାକୁ କେନ୍ଦ୍ର କରି ଠିକାଦାରଙ୍କୁ ଗୁଳି କରି ହତ୍ୟା ଆଦି ଅନେକେ କାହାଣି ବିଷୟରେ ଜାଣିଛେ। ହେଲେ ଏମିତି ଏକ ଅଦ୍ଭୁତ କାହାଣି କେହି କେବେ ଶୁଣିନଥିବେ। ଆଶ୍ଚର୍ଯ୍ୟ ଲାଗିଲେ ବି ଘଟଣାଟି ସତ୍ୟ। ପିତାଙ୍କ ଅନ୍ତିମ ସଂସ୍କାରକୁ କେନ୍ଦ୍ର କରି ଭ୍ରାତୃ ବିବାଦ, ମୃତଦେହକୁ ଦୁଇଖଣ୍ଡ କରି କାଟିବାକୁ ଦାବିକଲା ବଡ଼ଭାଇ। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ମଧ୍ୟପ୍ରଦେଶରେ।

ମଧ୍ୟପ୍ରଦେଶର ଟିକମଗଡ଼ ଜିଲ୍ଲାରେ ଏଭଳି ବିଚିତ୍ର ଘଟଣା ଲୋକଲୋଚନକୁ ଆସିଥିଲା। ଟିକମଗଡ଼ ଜିଲ୍ଲା ଅନ୍ତର୍ଗତ ଲଢୋରାତାଲ ଗ୍ରାମରେ ସାନପୁଅ ଦେଶରାଜଙ୍କ ସହିତ ରହୁଥିବା ଧ୍ୟାନୀ ସିଂ ଘୋଷଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଥିଲା। ଧ୍ୟାନୀ ସିଂଙ୍କ ଜ୍ୟେଷ୍ଠପୁତ୍ର କିଷାନ ବାହାରେ ରହୁଥିଲେ। ପିତାଙ୍କ ମୃତ୍ୟୁ ଖବର ଦେଶରାଜ ବଡ଼ଭାଇ କିଷାନଙ୍କୁ ଜଣାଇବା ପରେ, କିଷାନ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାରକୁ ନେଇ ଦୁଇଭାଇଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। କିଷାନ ଜ୍ୟୋଷ୍ଠପୁତ୍ର ହୋଇଥିବାରୁ ପିତାଙ୍କ ଶବ ସତ୍କାର କରିବାକୁ ହକ୍‌ଦାର ବୋଲି ଦାବି କରିଥିଲେ। ଅପର ପକ୍ଷରେ ପିତାଙ୍କୁ ଶେଷ ସମୟ ପର୍ଯ୍ୟନ୍ତ ନିଜ ପାଖରେ ରଖିଥିବାରୁ ଏବଂ ସାନପୁତ୍ର ଶେଷକୃତ୍ୟ ସମ୍ପନ୍ନ କରିବାକୁ ମୃତ୍ୟୁ ପୂର୍ବରୁ ପିତା କହିଥିବାରୁ ଏହି ସୁଯୋଗ ଦେଶରାଜଙ୍କୁ ମିଳୁ ବୋଲି ଯୁକ୍ତି ଦର୍ଶାଇଥିଲେ। ବିବାଦ ଏତେ ବଢିଯାଇଥିଲା ଯେ, ଶେଷରେ ବଡ଼ଭାଇ ପିତାଙ୍କ ମୃତହେଦକୁ ଦୁଇଖଣ୍ଡ କରି କାଟି ପରସ୍ପର ଭିତରେ ବାଣ୍ଟି ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ବିଚିତ୍ର ପ୍ରସ୍ତାବ ଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଥିଲା। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ଓ ପୁଲିସ୍ ସହାୟତାରେ ସାନଭାଇ ଦେଶରାଜ ପିତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଥିଲା।

ସେହିପରି ଆଉ ଏକ ଚାଞ୍ଚଲ୍ୟକର ଘଟଣା ଘଟିଥିଲା ବଲାଙ୍ଗୀର ଜିଲ୍ଲାରେ। ଉକ୍ତ ଜିଲ୍ଲାର ବାନ୍ଧନବାହାଲ ସରକାରୀ ପ୍ରାଇମେରୀ ବିଦ୍ୟାଳୟରେ ପ୍ରଭୂଦତ୍ତ ସାହୁ ସହକାରୀ ଶିକ୍ଷକ ରୂପ କାର୍ଯ୍ୟ କରି ଆସୁଥିଲେ। ମାତ୍ର ଦୀର୍ଘ ତିନିମାସ ଧରି ଉକ୍ତ ଶିକ୍ଷକଙ୍କର ଦରମା ନ ମିଳିବାରୁ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ତେଣୁ ସେ ବାଧ୍ୟ ହୋଇ ମଜୁରୀ କାମ କରିବା ପାଇଁ ଛୁଟି ମଞ୍ଜୁର ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖିଥିଲେ। ପ୍ରଧାନ ଶିକ୍ଷକ ମଧ୍ୟ ତାଙ୍କ ଛୁଟି ମଞ୍ଜୁର କରିବାରୁ ପ୍ରଭୂଦତ୍ତ ମଜୁରୀ କାମ ଆରମ୍ଭ କରି ଥିଲେ ଯାହା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା।

ସର୍ବସମ୍ମୁଖରେ ସ୍ତ୍ରୀର ବିବାହ ଆୟୋଜନ କରିଥିଲା ସ୍ୱାମୀ। ପୁରୁଷବନ୍ଧୁ ଆସିଲା, ସ୍ତ୍ରୀ ମୁଣ୍ଡରେ ସିନ୍ଦୁର ଭରିଲା, ସ୍ୱାମୀ ସେମାନଙ୍କୁ ଆଶୀର୍ବାଦ ଦେଲେ ଓ କହିଲେ ଦୁଇ ଛୁଆଙ୍କୁ ମୁଁ ରିଖିଦେବ, ତୁମେ ତୁମ ନୂଆ ସ୍ୱାମୀ ସହ ଖୁସିରେ ରୁହ। ଉତ୍ତର ପ୍ରଦେଶରେ ଘଟିଛି ଏଭଳି ଏକ ଘଟଣା। କଟାରଜୋତ ଗ୍ରାମର ରାଧିକା ବବୁଲୁକୁ ୨୦୧୭ ମସିହାରେ ବିବାହ କରିଥିଲେ। ଉଭୟ ପରିବାର ସହ ଖୁସିରେ ବିତାଉଥିଲେ। ସେମାନଙ୍କ ମଧ୍ୟ ଦୁଇଟି ସନ୍ତାନ୍ତ ଥିଲେ। ତେବେ ବବୁଲୁ କାମ ସନ୍ଧାନରେ ବାହାରେ ରହୁଥିବା ବେଳେ ତାଙ୍କ ପତ୍ନୀ ରାଧିକାଙ୍କ ସେହି ଗାଁର ଜଣେ ଯୁବକ ବିକାଶ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯେତେବେଳେ ସ୍ୱାମୀ ବବୁଲୁ ଏକଥା ଜାଣିବାକୁ ପାଇଲେ, ଘରେ ପାରିବାରିକ କଳହ ଆରମ୍ଭ ହୋଇଯାଇଥିଲା। ଏପରିକି ରାଧିକା ପ୍ରେମିକ ବିକାଶ ସହ ଘରୁ ପଳାଇ ଯାଇଥିଲେ ଓ ଚାରିଦିନ ପରେ ଫେରିଥିଲେ। ବବୁଲୁ ଏ ଘଟଣାର ସ୍ଥାୟୀ ସମାଧାନ ଚାହୁଁଥିବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ହେଲେ ରାଧିକା ଥାନାରେ ପୋଲିସ୍‌କୁ କହିଥିଲେ ସେ ବିକାଶ ସହିତ ରହିବେ। ଏହାପରେ ବବୁଲୁ ଗ୍ରାମବାସୀଙ୍କୁ ଡ଼ାକି ପତ୍ନୀ ରାଧିକାର ବିବାହ ଆୟୋଜନ କରିଥିଲେ। ଗ୍ରାମବାସୀଙ୍କ ସମ୍ମୁଖରେ ବିକାଶ ରାଧିକାଙ୍କ ମଥାରେ ସିନ୍ଦୁର ଭରିଥିଲେ ଆଉ ଦୁହେଁ ପରସ୍ପରକୁ ମାଳ ପିନ୍ଧାଇଥିଲେ ଓ ରାଧିକା ବିକାଶଙ୍କ ପାଦ ଛୁଇଁ ପ୍ରଣାମ କରିଥିଲା। ଏହାପରେ ବବୁଲୁ କହିଥିଲେ ତୁମେ ଦୁଇ ପିଲାକଥା ଚିନ୍ତା କରିବନି, ତାଙ୍କୁ ମୁଁ ପାଖରେ ରଖିବି, ତୁମେ ନୂଆ ସ୍ୱାମୀ ସହ ଖୁସିରେ ରୁହ। ଏହାଶୁଣି ଭୋ ଭୋ ହୋଇ କାନ୍ଦିଥିଲେ ରାଧିକା ଏହାପରେ ଉପସ୍ଥିତ ଲୋକେ ରାଧିକାକୁ ସାନ୍ତ୍ୱନା ଦେଇଥିଲେ। ବବୁଲୁଙ୍କ କହିବା କଥା, ରାଧିକାକୁ ଯେତେ ବୁଝାଇଲେ ବି ସେ ବୁଝିନଥିଲେ। ଫଳରେ ସେ ବାଧ୍ୟ ହୋଇ ନିଜ ପତ୍ନୀର ବିବାହ କରାଇଥିଲେ।

ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ପିତାମାତା, ଭାଇ, ସାଙ୍ଗସାଥୀଙ୍କୁ ହତ୍ୟା କରିବାର ଅନେକ ନଜିର ରହିଛି। ହେଲେ ଯାଜପୁର ଟାଉନ୍‌ଥାନା ଅରକପଡ଼ା ଗ୍ରାମର ଆଶିଷ ମଲ୍ଲିକ ନାମକ ଜଣେ ନିଶାସକ୍ତ ଯୁବକ ଭଗବାନ ମଲ୍ଲିକଙ୍କ ବାଛୁରୀକୁ ହାଣି ଦେଇଥିବା ଅଭିଯୋଗ ହୋଇଥିଲା। ଭଗବାନ ଗୋପାଳନ କରି ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ। ପ୍ରତିଦିନ ପରି ଭଗବାନ ନିଜ ଗାଇ ଓ ବାଛୁରୀକୁ ଏକ ଖୋଲା ପଡ଼ିଆରେ ଘାସ ଚରିବାକୁ ଛାଡ଼ି ଦେଇ ଆସିଥିଲେ। କିଛି ସମୟ ପରେ ପଡ଼ିଆରୁ ଜୋର୍‌ରେ ଶବ୍ଦ ଶୁଭିବାରୁ ଭଗବାନ ଯାଇ ଦେଖିଥିଲେ ଯେ, ଗାଇ ଘାସ ଚରୁଥିବା ବେଳେ ବାଛୁରୀଟି ଗାଇ ପାଖରେ ନଥିଲା। ତେଣୁ ଭଗବାନ ବାଛୁରୀକୁ ଖୋଜୁଥିବା ସମୟରେ ଆଶିଷ ଏକ ପନିକିରେ ବାଛୁରୀକୁ ଚେଟ ପରେ ଚେଟ ପକାଇ ଚାଲିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଛୁରୀଟି ତଳେ ଛଟପଟ ହେଉଥିବା ବେଳେ ଭବବାନଙ୍କୁ ଦେଖି ନିଶାସକ୍ତ ଆଶିଷ ସେଠାରୁ ପଳାଇ ଯାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମରେ ବୈଠକ ପରେ ଅଭିଯୁକ୍ତର ଅମାନୁଷିକ କାଣ୍ଡକୁ ନେଇ ଗ୍ରାମବାସୀ ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ ଓ ବ୍ୟବହାର କରିଥିବା ହତିଆରକୁ ଜବତ କରି ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିଲେ।

ଜମିବାଡ଼ି ହେଉ ବା ପୂର୍ବ ଶତୃତାକୁ କେନ୍ଦ୍ର କରି ଅକାଳରେ ଅନେକ ଜୀବନଦୀପ ଲିଭି ଯାଉଥିବା ବେଳେ ଏଥିରେ ରୋକ ଲଗାଇଛନ୍ତି ଜଣେ ୧୬ ମାସର ଶିଶୁ ଅନ୍ୱେଶ ଲେଙ୍କା। ଯେଉଁ ବୟସରେ ଖେଳକୁଦ କରି ଘରକୁ କମ୍ପାଇ ଦେଉଥିଲା, ସମସ୍ତଙ୍କର ପ୍ରିୟପାତ୍ର ଥିଲା। ହେଲେ ବିଧିର ବିଧାନ ଥିଲା ବିଚିତ୍ର। ଜନ୍ମେଶ ଖାଇସାରି ଖେଳୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌ସ ଶିଶୁ ବିଭାଗରେ ଭର୍ତ୍ତି କରିଥିଲେ ଡାକ୍ତରଙ୍କ ପରୀକ୍ଷା ପରେ ଜନ୍ମେଶ ଶ୍ୱାସକ୍ଲାନ୍ତ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଡାକ୍ତରଙ୍କ ତତ୍ତ୍ୱାବଧାନରେ ଜନ୍ମେଶଙ୍କର ଚିକିତ୍ସା ଚାଲିଥିଲା। ଦୁଇ ସପ୍ତାହ ଆଇସିୟୁରେ ରହିବା ପରେ ଡାକ୍ତରଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଜନ୍ମେଶଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କୁ ଜୀବନ ଉପହାର ଦେବା ପାଇଁ ଡାକ୍ତରୀଦଳ ଅଙ୍ଗଦାନ ବିଷୟରେ ଜନ୍ମେଶଙ୍କ ବାପା ମା'ଙ୍କୁ ପରାମର୍ଶ ଦେଇଥିଲେ। ବାପା, ମା' ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରିଥିଲେ। ଏହାପରେ ଡାକ୍ତରଙ୍କ ନେତୃତ୍ୱରେ ଦୁଇଜଣ ରୋଗୀଙ୍କୁ ଜନ୍ମେଶଙ୍କ ଦୁଇଟି କିଡ୍‌ନୀ ଓ ଲିଭର ପ୍ରଦାନ କରାଯାଇଥିଲା। ମାତ୍ର ୧୬ମାସ ବୟସରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରି ଜନ୍ମେଶ ଆରପାରିକୁ ଚାଲିଯିବା ପୂର୍ବରୁ ସାରା ଦୁନିଆ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

୧୯୯୧ ମସିହାରେ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ୧୩ ବର୍ଷୀୟା ନାବାଳିକା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଗର୍ଭବତୀ ହେବାରୁ ଯୁବକଜଣଙ୍କ ତାଙ୍କୁ ଔଷଧ ଦେଇ ଗର୍ଭପାତ କରାଇଥିଲେ। ଏ ନେଇ ପୀଡ଼ିତାଙ୍କ ପିତା ଆନନ୍ଦପୁର ଏସ୍‌ଡିଜେଏମ୍ ଅଦାଲତରେ ଅଭିଯୋଗ ଦାୟର କରିଥିଲେ। ଆନନ୍ଦପୁର ସହକାରୀ ଦୌରାଜଜ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। ୧୯୯୨ ମସିହା ଫେବୃଆରୀ ୧୨ ତାରିଖରେ ଅଦାଲତ ରାୟ ପ୍ରକାଶ କରି ଆଇପିସି ଦଫା ୩୧୩ ଓ ୪୯୩ରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ୍ ଓ ୧ ହଜାର ଟଙ୍କା ଜାରିମାନା ଦଣ୍ଡ ପ୍ରଦାନ କରିଥିଲେ। ସହକାରୀ ଦୌରାଜଜ ଅଦାଲତଙ୍କ ରାୟ ବିରୁଦ୍ଧରେ ଆବେଦନକାରୀ ୧୯୯୩ ମସିହା ଫେବୃଆରୀ ୨୨ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ବିଚାରଧୀନ ଥିବାବେଳେ ୧୯୯୩ ଅଗଷ୍ଟ ୩ ତାରିଖରେ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଚ୍ଚ ନ୍ୟାୟାଳୟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଇତିମଧ୍ୟରେ ୩୧ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଓ ଆବେଦନକାରୀ ଜାମିନର କୌଣସି ସର୍ତ୍ତ ଉଲଙ୍ଘନ କରିନଥିବା ନେଇ ଅଭିଯୋଗ ନାହିଁ। ତେଣୁ ତଥ୍ୟ ଓ ପ୍ରମାଣ ଦୃଷ୍ଟିରୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶରରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିନଥିଲେ ମଧ୍ୟ ବର୍ତ୍ତମାନ ଆବେଦନକାରୀଙ୍କୁ ୬୩ ବର୍ଷ ବୟସ ବିଚାରକୁ ନେଇ ପିଓ ଆଇନରେ ଥିବା ବ୍ୟବସ୍ଥାରେ ଯୁବକଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

+କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

# ଭାରତୀୟ ସହର: ବଢୁଛି ଅର୍ଥନୀତି, କିନ୍ତୁ କମୁଛି ବଞ୍ଚିବାର ମାନ

ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ ଭାରତୀୟ ସହରଗୁଡ଼ିକରେ ବିପର୍ଯ୍ୟସ୍ତ ହେଉଛି ଜୀବନଧାରଣର ମାନ ଏବଂ ଏହାର ଏକ ବିସ୍ତୃତ ବିଶ୍ଳେଷଣ ନିତାନ୍ତ ଆବଶ୍ୟକ । ଭାରତ ବର୍ତ୍ତମାନ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଅନ୍ୟତମ ଏବଂ ଦେଶର ମୋଟ ଘରୋଇ ଉତ୍ପାଦ କ୍ରମାଗତ ଭାବରେ ଊର୍ଦ୍ଧ୍ୱଗାମୀ ହେବାରେ ଲାଗିଛି । କିନ୍ତୁ ଏହି ଆକର୍ଷଣୀୟ ଅର୍ଥନୈତିକ ପ୍ରଗତି ସହରାଞ୍ଚଳରେ ବସବାସ କରୁଥିବା କୋଟି କୋଟି ନାଗରିକଙ୍କ ଜୀବନଧାରଣର ମାନରେ କୌଣସି ସକାରାତ୍ମକ ପରିବର୍ତ୍ତନ ଆଣିବାରେ ବିଫଳ ହୋଇଛି । ନିକଟରେ ଜନାଗ୍ରହ ଏବଂ ଜନା ଅର୍ବାନ ସ୍ପେସ୍ ଫାଉଣ୍ଡେସନ୍ ଦ୍ୱାରା ପ୍ରକାଶିତ ଏକ ନୂତନ ରିପୋର୍ଟ 'ଶେପିଂ ଅର୍ବାନ ଇଣ୍ଡିଆ: ବାଇ ଡିଜାଇନ୍, ନଟ୍ ବାଇ ଡିଫଲ୍ଟ' ଏହି କଠୋର ବାସ୍ତବତାକୁ ପଦାରେ ପକାଇଛି । ରିପୋର୍ଟ ଅନୁଯାୟୀ, ଯଦିଓ ପୁଷ୍ଟିକର ଖାଦ୍ୟ, ଶିଶୁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପାନୀୟ ଜଳ ଭଳି କ୍ଷେତ୍ରରେ କିଛି ଉନ୍ନତି ହୋଇଛି, ତଥାପି ସାମଗ୍ରିକ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ମାନବୀୟ ବିକାଶରେ ସହରଗୁଡ଼ିକ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ବିଶ୍ୱସ୍ତରୀୟ ସହରଗୁଡ଼ିକ ତୁଳନାରେ ଭାରତର ମହାନଗରଗୁଡ଼ିକର ସ୍ଥିତି ନୈରାଶ୍ୟଜନକ ରହିଛି ଏବଂ ଗ୍ଲୋବାଲ୍ ଲିଭେବିଲିଟି ଇଣ୍ଡେକ୍ସରେ ଭାରତୀୟ ସହରଗୁଡ଼ିକ କ୍ରମାଗତ ଭାବରେ ନିମ୍ନ ସ୍ତରରେ ରହିଆସିଛନ୍ତି । ଏହା ପ୍ରମାଣିତ କରେ ଯେ କେବଳ ଅର୍ଥନୈତିକ ପ୍ରଗତି ଏକ ସୁସ୍ଥ ସହର ଗଠନ ପାଇଁ ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ସଠିକ୍ ଯୋଜନା ଏବଂ ଦୂରଦୃଷ୍ଟିର ଆବଶ୍ୟକତା ରହିଛି ।

ରିପୋର୍ଟରେ ଉପସ୍ଥାପିତ ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ସହରାଞ୍ଚଳର ବିକାଶ ପାଇଁ ଅର୍ଥର ଅଭାବ ନାହିଁ, ବରଂ ପରିଚାଳନାଗତ ତ୍ରୁଟି ହିଁ ମୂଳ ସମସ୍ୟା । କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ତଥା ଅର୍ଥ କମିଶନଙ୍କ ଅନୁଦାନର ତଥ୍ୟ ଉପରେ ଆଧାର କରି ଏହି ରିପୋର୍ଟ ଦର୍ଶାଇଛି ଯେ ୨୦୧୫ ମସିହାଠାରୁ ଭାରତର ବିଭିନ୍ନ ସହରରେ ପ୍ରାୟ ୮.୩୬ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯାଇଛି । ଏତେ ବିପୁଳ ପରିମାଣର ପୁଞ୍ଜିନିବେଶ ସତ୍ତ୍ୱେ ସହରବାସୀଙ୍କୁ ଉପଯୁକ୍ତ ଭିତ୍ତିଭୂମି ମିଳିପାରୁନାହିଁ । ଅଣଯୋଜନାବଦ୍ଧ ଭାବରେ ସହରଗୁଡ଼ିକର ସମ୍ପ୍ରସାରଣ ଏବଂ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ସାଧାରଣ ନାଗରିକମାନଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି । ରିପୋର୍ଟର ଆକଳନ ଅନୁଯାୟୀ, ଖରାପ ଭାବରେ ପରିଚାଳିତ ସହରାଞ୍ଚଳର ଜନସଂଖ୍ୟା ଘନତ୍ୱରେ ମାତ୍ର ୧୦ ପ୍ରତିଶତ ବୃଦ୍ଧି ଘଟିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ବାର୍ଷିକ ୨୬ ରୁ ୩୫ ଆମେରିକୀୟ ଡଲାରର ଅତିରିକ୍ତ ବୋଝ ପଡ଼ିଥାଏ । ଏହି ଆର୍ଥିକ କ୍ଷତି ମୁଖ୍ୟତଃ ଅତ୍ୟଧିକ ଟ୍ରାଫିକ୍ ସମସ୍ୟା, ଖରାପ ସ୍ୱାସ୍ଥ୍ୟ ଏବଂ ନିମ୍ନମାନର ଜୀବନଶୈଳୀ କାରଣରୁ ହୋଇଥାଏ । ସହରଗୁଡ଼ିକ ଆର୍ଥିକ ବିକାଶର ଇଞ୍ଜିନ୍ ହେବା ପରିବର୍ତ୍ତେ ବର୍ତ୍ତମାନ ବିଭିନ୍ନ ଜଟିଳ ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଯାତାୟାତ ଏବଂ ପରିବହନ ବ୍ୟବସ୍ଥାକୁ ନେଇ ରିପୋର୍ଟରେ ଥିବା ତଥ୍ୟ ଆମ ସହରାଞ୍ଚଳ ଯୋଜନାର ଏକ ବଡ଼ ବିଫଳତାକୁ ଦର୍ଶାଉଛି । ଭାରତରେ ଏବେ ବି ଏକ ତୃତୀୟାଂଶରୁ ଅଧିକ ଲୋକ ନିଜ କର୍ମକ୍ଷେତ୍ରକୁ ଚାଲି ଚାଲି କିମ୍ବା ସାଇକେଲରେ ଯାତାୟାତ କରନ୍ତି । କିନ୍ତୁ କୋଲକାତା, ବେଙ୍ଗାଲୁରୁ ଏବଂ ପୁଣେ ଭଳି ବଡ଼ ବଡ଼ ମହାନଗରଗୁଡ଼ିକରେ ରାସ୍ତାଘାଟ ଏବଂ ପରିବହନ ବ୍ୟବସ୍ଥାକୁ କେବଳ ମୋଟର ଯାନ ଏବଂ କାର୍ ଗୁଡ଼ିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଉଛି । ପଥଚାରୀ ଏବଂ ସାଇକେଲ୍ ଚାଳକଙ୍କ ପାଇଁ ସୁରକ୍ଷିତ ରାସ୍ତା ବା ଫୁଟପାଥର ଘୋର ଅଭାବ ରହିଛି । ସହରର ଯୋଜନାକାରୀମାନେ ମଣିଷ ପାଇଁ ନୁହେଁ, ବରଂ କେବଳ ଗାଡ଼ିମୋଟର ପାଇଁ ସହର ନିର୍ମାଣ କରୁଛନ୍ତି । ଏହାର ଫଳସ୍ୱରୂପ ରାସ୍ତାଗୁଡ଼ିକରେ ଅତ୍ୟଧିକ ଭିଡ଼ ଦେଖାଯାଉଛି, ଦୈନନ୍ଦିନ ଯାତାୟାତ ଅତ୍ୟନ୍ତ ସମୟସାପେକ୍ଷ ଏବଂ ଚାପଗ୍ରସ୍ତ ହୋଇପଡୁଛି । ଖରାପ ରକ୍ଷଣାବେକ୍ଷଣ ଏବଂ ଅସୁରକ୍ଷିତ ରାସ୍ତାଘାଟ ଯୋଗୁଁ ସଡ଼କ ଦୁର୍ଘଟଣା ଆଶାତୀତ ଭାବରେ ବୃଦ୍ଧି ପାଉଛି । ବାରମ୍ବାର ରାସ୍ତା ଖୋଳାଯିବା ଏବଂ ଅବ୍ୟବସ୍ଥିତ ନିର୍ମାଣ କାର୍ଯ୍ୟ ଯୋଗୁଁ ସରକାରୀ ଅର୍ଥର ବ୍ୟାପକ ଅପଚୟ ମଧ୍ୟ ହେଉଛି । ଏହି ସମସ୍ତ ସମସ୍ୟାଗୁଡ଼ିକ ମଧ୍ୟରେ ସବୁଠାରୁ ଉଦ୍ବେଗଜନକ ବିଷୟ ହେଉଛି ସହରାଞ୍ଚଳରେ ଦେଖାଦେଇଥିବା ଉତ୍କଟ ବାସଗୃହ ସଙ୍କଟ । ସାଧାରଣ ଲୋକଙ୍କ ପାଇଁ ସହରରେ ନିଜର ଏକ ଘର ଖଣ୍ଡିଏ କରିବା ଏବେ ସାତ ସପନ ପାଲଟିଛି । ନୀତି ଆୟୋଗ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଦେଶର ସାତୋଟି ପ୍ରମୁଖ ସହରରେ ସୁଲଭ ବାସଗୃହ ବା ଆଫୋର୍ଡେବଲ୍ ହାଉସିଂ ନିର୍ମାଣ ହାର ଆଶ୍ଚର୍ଯ୍ୟଜନକ ଭାବରେ ହ୍ରାସ ପାଇଛି । ୨୦୧୯ ମସିହାରେ ମୋଟ ଗୃହ ନିର୍ମାଣର ୪୦ ପ୍ରତିଶତ ସୁଲଭ ବାସଗୃହ ଥିବାବେଳେ ୨୦୨୪ ମସିହା ସୁଦ୍ଧା ତାହା ମାତ୍ର ୧୬ ପ୍ରତିଶତକୁ ଖସିଆସିଛି । ଅନ୍ୟପକ୍ଷରେ, ଏହି ସମାନ ସମୟ ମଧ୍ୟରେ ବିଳାସପୂର୍ଣ୍ଣ ଏବଂ ଅତି-ବିଳାସପୂର୍ଣ୍ଣ ଗୃହ ନିର୍ମାଣ ହାର ୨୭ ପ୍ରତିଶତରୁ ବୃଦ୍ଧି ପାଇ ୫୬ ପ୍ରତିଶତରେ ପହଞ୍ଚିଛି । ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ ରିଅଲ୍ ଇଷ୍ଟେଟ୍ କ୍ଷେତ୍ର କେବଳ ଧନୀକ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରିବାରେ ବ୍ୟସ୍ତ ଅଛି ଏବଂ ଗରିବ ତଥା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ସହରର ମୁଖ୍ୟ ସ୍ରୋତରୁ ଦୂରେଇ ଦିଆଯାଉଛି । ଲୋକମାନେ ବାଧ୍ୟ ହୋଇ ସହର ଉପକଣ୍ଠରେ ବା ବହୁ ଦୂରରେ ରହୁଛନ୍ତି, ଯାହା ସେମାନଙ୍କର ଦୈନନ୍ଦିନ ଯାତାୟାତ ସମୟ ଏବଂ ଖର୍ଚ୍ଚକୁ ବହୁଗୁଣିତ କରୁଛି ।

ଏହି ଆର୍ଥିକ ଏବଂ ଭୌଗୋଳିକ ଅସମାନତା ସହରର ସାମଗ୍ରିକ ସାମାଜିକ ଗଠନକୁ ମଧ୍ୟ ଦୁର୍ବଳ କରୁଛି । ଯେତେବେଳେ ଶ୍ରମିକ, ଛୋଟ ବ୍ୟବସାୟୀ ଏବଂ ସେବା ପ୍ରଦାନକାରୀମାନେ ସହର ଭିତରେ ରହିବାକୁ ଅସମର୍ଥ ହୁଅନ୍ତି, ସେତେବେଳେ ସହରର ଅର୍ଥନୈତିକ ଭାରସାମ୍ୟ ନଷ୍ଟ ହୋଇଯାଏ । ଦୀର୍ଘ ସମୟ ଧରି ଯାତାୟାତ କରିବା କାରଣରୁ ଲୋକଙ୍କର ମାନସିକ ଏବଂ ଶାରୀରିକ ଚାପ ବୃଦ୍ଧି ପାଉଛି ଏବଂ ସାମଗ୍ରିକ ଭାବରେ ସେମାନଙ୍କର ଉତ୍ପାଦନକ୍ଷମତା ହ୍ରାସ ପାଉଛି । ଏହା ଦେଶର ମୋଟ ଉତ୍ପାଦନ ଉପରେ ଏକ ନକାରାତ୍ମକ ପ୍ରଭାବ ପକାଉଛି । ଏହା ସହିତ ସହରାଞ୍ଚଳ ପ୍ରଶାସନର ଦୁର୍ବଳ କାର୍ଯ୍ୟକାରିତା ଯୋଗୁଁ ପ୍ରକୃତ ଉନ୍ନୟନ ମୂଳ ସ୍ତରରେ ପହଞ୍ଚିପାରୁନାହିଁ । ନଗର ଉନ୍ନୟନ ଯୋଜନାଗୁଡ଼ିକ କେବଳ କାଗଜପତ୍ରରେ ସୀମିତ ରହିଯାଉଛି । ସାଧାରଣ ନାଗରିକମାନଙ୍କର ମତାମତକୁ ଏହି ଯୋଜନା ପ୍ରକ୍ରିୟାରେ ଆଦୌ ସାମିଲ କରାଯାଉନାହିଁ । ଏକ ସୁଦୃଢ଼, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ସ୍ଥାନୀୟ ପ୍ରଶାସନ ବିନା କୌଣସି ବି ସହରର ସ୍ଥାୟୀ ବିକାଶ ସମ୍ଭବ ନୁହେଁ । ପରିବେଶଗତ ସମସ୍ୟାଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ଆମ ସହରଗୁଡ଼ିକର ପରିସ୍ଥିତି ଆହୁରି ଭୟାବହ ମନେହୁଏ । ସହରର ସବୁଜ ବଳୟ ଦ୍ରୁତ ଗତିରେ ଅଦୃଶ୍ୟ ହେବାରେ ଲାଗିଛି । କଂକ୍ରିଟ୍ ଜଙ୍ଗଲର ଅହେତୁକ ବୃଦ୍ଧି ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ଯୋଗୁଁ ସାମାନ୍ୟ ବର୍ଷା ହେଲେ ମଧ୍ୟ ସହରଗୁଡ଼ିକରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ବାୟୁର ଗୁଣବତ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି । ଖୋଲା ଡ୍ରେନ୍, ଅଳିଆ ଆବର୍ଜନାର ଅବ୍ୟବସ୍ଥା ଏବଂ ମାତ୍ରାଧିକ ପ୍ରଦୂଷଣ ଯୋଗୁଁ ଜନସ୍ୱାସ୍ଥ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେଉଛି । ଏହି ତ୍ରୁଟିପୂର୍ଣ୍ଣ ଭିତ୍ତିଭୂମିର ସବୁଠାରୁ ବଡ଼ ନକାରାତ୍ମକ ପ୍ରଭାବ ମହିଳାମାନଙ୍କ ଉପରେ ପଡୁଛି । ଖରାପ ରାସ୍ତାଘାଟ ଏବଂ ସୁରକ୍ଷିତ ସାର୍ବଜନୀନ ପରିବହନର ଅଭାବ ଯୋଗୁଁ ମହିଳାମାନଙ୍କର ସାଧାରଣ ନିରାପତ୍ତା ବିପନ୍ନ ହେଉଛି । ରିପୋର୍ଟ ଦର୍ଶାଇଛି ଯେ ଖରାପ ଭିତ୍ତିଭୂମି ଯୋଗୁଁ କାର୍ଯ୍ୟବଳରେ ମହିଳାମାନଙ୍କର ଅଂଶଗ୍ରହଣ ହାର ଆଶାଜନକ ଭାବରେ ବୃଦ୍ଧି ପାଇପାରୁନାହିଁ ।

ପରିଶେଷରେ, ଏହି ରିପୋର୍ଟ ଆମ ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ବଡ଼ ଚେତାବନୀ । କେବଳ ଜିଡିପି ବୃଦ୍ଧି କିମ୍ବା ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରିଦେଲେ ସହରର ବିକାଶ ହୋଇଗଲା ବୋଲି ଧରିନେବା ସମ୍ପୂର୍ଣ୍ଣ ଭୁଲ୍ । ପ୍ରକୃତ ବିକାଶ ସେତେବେଳେ ସମ୍ଭବ, ଯେତେବେଳେ ସହରର ପ୍ରତ୍ୟେକ ନାଗରିକ ଏକ ସୁସ୍ଥ, ସୁରକ୍ଷିତ ଏବଂ ଚାପମୁକ୍ତ ଜୀବନଯାପନ କରିପାରିବେ । ସହରର ବିକାଶ ଏକ ସୁଚିନ୍ତିତ, ବୈଜ୍ଞାନିକ ଏବଂ ଦୀର୍ଘମିଆଦୀ ଯୋଜନା ମାଧ୍ୟମରେ ହେବା ଆବଶ୍ୟକ । ସୁଲଭ ବାସଗୃହ ନିର୍ମାଣକୁ ପ୍ରାଧାନ୍ୟ ଦେବା, ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଦିଗରେ ତୁରନ୍ତ ପଦକ୍ଷେପ ନେବାର ସମୟ ଏବେ ଆସିଯାଇଛି । ଆମକୁ ଏପରି ସହର ଗଠନ କରିବାକୁ ପଡ଼ିବ ଯାହା କେବଳ ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର ନ ହୋଇ, ମାନବୀୟ ମୂଲ୍ୟବୋଧ ଏବଂ ଉନ୍ନତ ଜୀବନଧାରଣର ପ୍ରକୃତ ଉଦାହରଣ ପାଲଟିବ ।





# "ମା"

## କାଳୀ ଦାସ



ଦୁର୍ଗାପୂଜା ଭାରତୀୟ ସଂସ୍କୃତିର ଏକ ସୁନ୍ଦର ଉପସ୍ଥାପନା । ନାରୀ ଶକ୍ତି ଓ ମାତୃ ଶକ୍ତିର ବନ୍ଦନା କରିବାପାଇଁ ଯେମିତି ପ୍ରକୃତି ଏବଂ ସୃଷ୍ଟି ଉଭୟ ଆଗେଇ ଆସିଛନ୍ତି । ପରିବେଶରେ ଯେମିତି ମାଦକତା ଭରିଯାଇଛି । ବର୍ଷା କମିଯାଇଛି, ଶିତ ଆସିନି, ଗାଁଠାରୁ ସହର ସବୁକିଛି ଉତ୍ସବ ମୁଖରିତ । ସକାଳୁ ସକାଳୁ ଦେବୀଙ୍କ ସ୍ତୋତ୍ର କାନ ରେ ପଡେ "ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ୍ ସଂସ୍ଥିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ" । ମନ ରେ ଅଦ୍ଭୁତ ଶିହରଣ ଖେଳି ଯାଏ । ପ୍ରତ୍ୟେକ ସହର ଓ ଗାଁରେ ଦୁର୍ଗା ମେଢ ଦେଖିବାକୁ ମିଳିଥାଏ । ଲୋକମାନେ ବର୍ଷ ସାରା ପ୍ରତୀକ୍ଷା କରିଥାନ୍ତି ଦୁର୍ଗାପୂଜାର ଆଗମନ ପାଇଁ ଘରେ ଘରେ ପିଠାପଣାର ସୁଅ ଛୁଟେ । ନୂଆ ଲୁଗା ପିନ୍ଧିବା, ବନ୍ଧୁ ମିଳନର ପରମ୍ପରା କେଉଁ କାଳ ରୁ ଚାଲି ଆସିଛି ।

ଅସତ୍ୟ ଉପରେ ସତ୍ୟର ବିଜୟ, ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ କୁ ଦର୍ଶାଏ ଦୁର୍ଗାପୂଜା । ମା ଦୁର୍ଗା ଅତ୍ୟାଚାରୀ ଅସୁର, ମହିଷାସୁରର ବଦ୍ଧ ମାହାଷ୍ଟମୀ ଦିନ କରିଥିଲେ । ମହିଷାସୁରର ଅତ୍ୟାଚାରରେ ତିନି ଲୋକ ଥର ହର ହେଉଥିଲା । ଦେବତା ମାନେ ମଧ୍ୟ ମହିଷାସୁର ସହିତ ଯୁଦ୍ଧ କରିବାପାଇଁ ସାହାସ ସଞ୍ଚୟ କରିପାରୁନଥିଲେ । ମା ଦୁର୍ଗା ସେତେବେଳେ ଏକୁଟିଆ ମହିଷାସୁର ସହିତ ଯୁଦ୍ଧ କରି ତାକୁ ମାରିଥିଲେ ଓ ତିନି ଲୋକ ରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ନାରୀ ସହନଶୀଳ ସନ୍ତାନପାଇଁ ମମତାର ପ୍ରତିମୂର୍ତ୍ତି କିନ୍ତୁ ଯେତେବେଳେ ସେହି ନାରୀ ଦେଖେ ସୃଷ୍ଟି ନଷ୍ଟ ହେବାକୁ ଯାଉଛି ସେତେବେଳେ ସିଏ ଅସ୍ତ୍ର ଧରି ଦଶଭୁଜା ହୋଇ ଅତ୍ୟାଚାରୀ ର ଅତ୍ୟାଚାର ଉପରେ ପୂର୍ଣ୍ଣଛେଦ ଲଗାଇ ଥାଏ । ଆମର ପୂର୍ବ ପୁରୁଷମାନେ ନାରୀ ଭିତରେ ଥିବା ମାହାନତା ଠିକ ବୁଝିପାରିଥିଲେ ତେଣୁ ନାରୀ ଶକ୍ତିର ସମ୍ମାନ ରେ ଏହି ପୂଜା ଓ ଆରାଧନା କୁ ନିଜ ଜୀବନ ରେ ସ୍ଥାନ ଦେଇଥିଲେ ।

ଦୁର୍ଗାପୂଜା ବର୍ଷ କୁ ଦୁଇ ଥର କରାଯାଇଥାଏ ଗୋଟିଏ ହେଲା ବାସନ୍ତିକ ଦୁର୍ଗାପୂଜା ଆଉଗୋଟିଏ ହେଲା ଶାରଦୀୟ ପୂଜା । ଦୁର୍ଗାପୂଜା ୯ ଦିନ ଯାଏଁ ଚାଲେ ତାକୁ ନବରାତ୍ର କୁହାଯାଏ । ମା ଙ୍କର ୯ଟି ରୂପକୁ ଏହି ୯ ଦିନରେ ପୂଜା କରାଯାଏ । ଅନେକ ସ୍ଥାନରେ ଲୋକମାନେ ଉପବାସ ରଖି ସଂଯମ ଜୀବନ ଯାପନ କରି ଶକ୍ତିର ଉପାସନା କରିଥାନ୍ତି .। ପ୍ରତେକ ଶକ୍ତିପୀଠ ରେ ଏହି ନବରାତ୍ର ଖୁବ ଧୁମଧାମ ରେ ପାଳନ କରାଯାଏ । ଶକ୍ତିପୀଠ ହେଲା ସେହି ଜାଗା ଯେଉଁଠି ସତୀଙ୍କ ଅଙ୍ଗ ପଡିଥିଲା । ଓଡିଶାରେ ତାରାତାରିଣୀ ପୀଠ ଏକ ମୁଖ୍ୟ ଶକ୍ତି ପିଠ । କୁହାଯାଏ ସତୀଙ୍କ ମୃତ୍ୟୁ ପରେ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀର କୁ ଧରି ଶିବ ଉନ୍ମାଦ ହୋଇ ବୁଲିଲେ । ଭଗବାନ ବିଷ୍ଣୁ ଭଗବାନ ଶିବଙ୍କ ଏହି ଦୁର୍ଦ୍ଦଶା ଦେଖି ସହିପାରିଲେନାହି ସିଏ ନିଜର ସୁଦର୍ଶନ ଚକ୍ରେରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିଦେଲେ ସେହି ଶରୀରର ଅବଶିଷ୍ଟାଂଶ ଯେଉଁଠି ଯେଉଁଠି ପଡିଲା ସେଇଠି ଶକ୍ତିପୀଠ ସ୍ଥାପନ କରାଗଲା । ଅଭିଭାଜ୍ୟ ଭାରତରେ ପ୍ରାୟ ସମସ୍ତ ଶକ୍ତିପୀଠ ସ୍ଥାପନ କରାଯାଇଥିଲା । ଭାରତର ବିଭାଜନ ପରେ ଅନେକ ଗୁଡିଏ ଶକ୍ତିପୀଠ ପାକିସ୍ଥାନ ଏବଂ ବାଂଲାଦେଶରେ ରହିଯାଇଛି । ମୁଖ୍ୟତଃ ୫୧ଟି ଶକ୍ତିପୀଠ ରହିଛି । ସେହି ଭିତରେ ସାରଦା ପିଠ, କାଳୀଘାଟ କାଳୀ ମନ୍ଦିର, ବିମଳା ମନ୍ଦିର, ବିଶାଳାକ୍ଷୀ ମନ୍ଦିର, ଆଲୋପିଦେବୀ ମନ୍ଦିର, ଚାମୁଣ୍ଡେଶ୍ୱରୀ ମନ୍ଦିର ମୁଖ୍ୟ ଶକ୍ତିପୀଠ । ସାରଦା ପୀଠ ପାକିସ୍ଥାନର ଅଧୀନରେ ରହିଥିବା କାଶ୍ମୀରରେ ରହିଯାଇଛି । ସତୀଙ୍କର ଡାହାଣ ହାତ ସେହି ସ୍ଥାନରେ ପଡିଥିଲା । କାଳୀଘାଟର କାଳୀ ମନ୍ଦିର ପଶ୍ଚିମବଙ୍ଗରେ ରହିଛି କୁହାଯାଏ ଯେ ସତୀଙ୍କର ଡାହାଣ ପାଦର ବୁଢା ଆଙ୍ଗୁଠି ସେଠାରେ ପଡିଥିଲା । ସେହି ପରି ପୁରୀରେ ଅବସ୍ଥିତ ବିମଳା ମନ୍ଦିର ଯେଉଁଠାରେ ସତୀଙ୍କ ଖାଇବା ଉଚିଷ୍ଟ ପଡିଥିଲା । ବିଶାଳାକ୍ଷୀ ମନ୍ଦିର, ବାରଣାସୀରେ ଅବସ୍ଥିତ, ସତୀଙ୍କର କାନର ଗହଣା ଓ ଆଖି ସେଠାରେ ପଡିଥିଲା । ଆଲୋପିଦେବୀ ମନ୍ଦିର, ଯେଉଁଠି ସତୀଙ୍କ ଶରୀରର ଶେଷ ଅଂଶ ପଡିଥିଲା । ଏହା ପ୍ରୟାଗରାଜରେ ଅବସ୍ଥିତ । ଚାମୁଣ୍ଡେଶ୍ୱରୀ ମନ୍ଦିର ମହିଶୂରରେ ଅବସ୍ଥିତ ଏଠାରେ ସତୀଙ୍କ ବାଳ ପଡିଥିଲା ।

ନବରାତ୍ରର ୯ ଦିନ ମାଆଙ୍କର ୯ ଟି ରୂପକୁ ପୂଜା କରାଯାଏ । ହିନ୍ଦୁ ଧର୍ମର ସମସ୍ତ ପୂଜା ଓ ପର୍ବାଣି ମୂଳତଃ ମଣିଷର ମନ ବୁଦ୍ଧି ଓ ଚେତନାର ଅଭିବୃଦ୍ଧି ପାଇଁ କରାଯାଏ । ମାଆଙ୍କର ପ୍ରଥମ ରୂପ ହେଉଛି "ଶୈଳ ପୁତ୍ରୀ" । ନବରାତ୍ରୀର ପ୍ରଥମ ଦିନ ଶୈଳ ପୁତ୍ରୀକୁ ଉପାସନା କରାଯାଏ । ନାରୀ ତା ଜନ୍ମ ସମୟରେ ତା ପିତା ବା ବାପାଙ୍କ ପରିଚୟରେ ପରିଚିତ ହୋଇଥାଏ । ଦ୍ୱିତୀୟ ଦିନ ମାଆଙ୍କୁ "ବ୍ରହ୍ମଚାରିଣୀ" ରୂପେ ପୂଜା କରାଯାଏ । ପୂଜକ ବା ମାଆଙ୍କୁ ଉପାସନା କରୁଥିବା ଭକ୍ତ ମାନେ ନିଜ ମନକୁ ଏବଂ ଇନ୍ଦ୍ରିୟଙ୍କୁ ସଂଯମ କରି ମା'ଙ୍କ ଉପାସନା କରନ୍ତି । ତୃତୀୟ ଦିନ ରୂପ ହେଲା "ଚନ୍ଦ୍ରଘଣ୍ଟା" । ସାଧକ ବା ସାଧିକା ଯିଏ ଏହି ନବରାତ୍ର ପାଳନ କରିଥାନ୍ତି ସେମାନେ ଆଧ୍ୟାତ୍ମିକ ଚେତନା ପାଇବା ପାଇଁ ଧ୍ୟାନ ରତ ହୁଅନ୍ତି । ଚତୁର୍ଥ ଦିନର ରୂପ ହେଲା "କୁଷ୍ମାଣ୍ଡ ଦେବୀ " ସାଧକ ବା ସାଧିକା କୁ ଆଧ୍ୟାତ୍ମିକ ସାଧନାର ଏହି ଦିନ ଫଳ ମିଳେ । ମାଆଙ୍କ ପଞ୍ଚମ ରୂପ ହେଲା "ସ୍କନ୍ଦମାତା" । ସ୍କନ୍ଧକୁ କୋଳରେ ଧରି ମା ବସିଥାନ୍ତି । ନାରୀର ସଫଳତା ମାତୃତ୍ୱରେ ମିଳିଥାଏ ତାର ଏକ ନିଦର୍ଶନ ହେଲା ସ୍କନ୍ଦମାତା । ଷଷ୍ଠ ଦିନ ମାତାଙ୍କୁ "କାତ୍ୟାୟାନୀ" ରୂପେ ପୂଜା କରାଯାଏ । କାତ୍ୟାୟନୀ କୁ ପୂଜା କରି ସାଧକ ଆଧ୍ୟାତ୍ମିକ ଜ୍ଞାନ ପାଇଥାଏ । ସପ୍ତମ ଦିନ ମାଆଙ୍କୁ "କାଳ ରାତ୍ରୀ" ଭାବେ ପୂଜା କରାଯାଏ । ଅଷ୍ଟମ ଦିନ ମା'ଙ୍କୁ "ମହା ଗୌରୀ" ରୂପେ ପୂଜା କରାଯାଏ ଏବଂ ନବମ ଦିନ ମା'ଙ୍କୁ "ସିଦ୍ଧିଦାତ୍ରୀ" ରୂପେ ପୂଜା କରା ଯାଏ ଏବଂ ସାଧକ ବା ସାଧିକା ଆଧ୍ୟାତ୍ମିକ ସିଦ୍ଧି ମା'ଙ୍କଠାରୁ ପାଇଥାନ୍ତି ।

ଦଶମ ଦିନ ରାବଣ ଦହନ କରାଯାଏ । ଦଶମ ଦିନ କୁ "ବିଜୟ ଦଶମୀ" ବା ଦଶହରା ମଧ୍ୟ କୁହାଯାଏ । ରାବଣ ଆହଙ୍କାର ଓ ଆତ୍ୟାଚାରର ପ୍ରତୀକ । ନାରୀଙ୍କୁ ଦୁର୍ବଳ ଅସହାୟ ମନେ କରେ ତେଣୁ ଦଶହରା ଦିନ ରାବଣ ବଦ୍ଧ ବା ରାବଣ ଦହନ ନାରୀ ଶକ୍ତିର ଜୟ ଗାନ ।

+ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯



# ସରକାର ସମ୍ବେଦନଶୀଳ ହୁଅନ୍ତୁ

## ବିକ୍ରମ କେଶରୀ ବିଶ୍ୱାଳ

ଚବିଶ ବର୍ଷର ରେକର୍ଡ଼ଧାରୀ ଓ ଲମ୍ବାତର ବିଜେତା ହେଉଥିବା ଏକ ବିଶାଳ ଆଞ୍ଚଳିକ ଦଳକୁ ଓଡ଼ିଶାବାସୀ ରାସ୍ତା ଦେଖାଇ ଦେଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସୁଶାସନକୁ ଓଡ଼ିଶାବାସୀ ସମ୍ଭବତଃ ବିଶ୍ୱାସ କଲେ, ଗ୍ରହଣ କଲେ ଆଉ ଭଲ ପାଇଲେ । ଯାହାର ପରିଣତି ସ୍ୱରୂପ ଓଡ଼ିଶାରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା । ଶାସନକୁ ଦୁଇ ବର୍ଷ ହେବାକୁ ଯାଉଥିବାବେଳେ ଜଣେ ସାଧାରଣ ନାଗରିକ ଭାବରେ ମୋ ଭିତରେ ଅନେକ ପ୍ରଶ୍ନ ଉଠୁଛି । ଭାରତୀୟ ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର । ଆମେ ସମସ୍ତେ ଜଣେ ଜଣେ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ । ଗଣତନ୍ତ୍ର ହେଉଛି ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ନିମିତ୍ତ ବୋଲି ବିଶ୍ୱାସ କରାଯାଏ । ଆଉ ସେଇଥିପାଇଁ ଭାରତର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ନିର୍ବାଚନକୁ ଦେଖିବା ପାଇଁ ବିଶ୍ୱର ଅନେକ ଦେଶରୁ ବୁଦ୍ଧିଜୀବୀ ରାଜନୈତିକ ସମୀକ୍ଷକମାନେ ଭାରତ ଆସିଥାନ୍ତି । ଲୋକମତ ଅନୁଯାୟୀ ପାଞ୍ଚ ବର୍ଷ ପାଇଁ ଲୋକପ୍ରତିନିଧି ନିର୍ବାଚିତ ହୋଇଥାନ୍ତି ।

ଏଠାରେ ସହୃଦୟ ପାଠକଙ୍କୁ ମନେପକାଇ ଦେଇପାରୁକି, ନବେ ଦଶକରେ ଓଡ଼ିଶାରେ ଏକ ଶକ୍ତିଶାଳୀ କଂଗ୍ରେସ ଶାସନ ଥିଲା । ଏହା ବିରୁଦ୍ଧରେ ଜନମତ ତୀବ୍ର ହେଲା ଯାହାର ପରିଣତି ସ୍ୱରୂପ ବିଜୁ ଜନତା ଦଳ ଶାସନର ମଙ୍ଗ ଧରିଲା । ଯଦିଓ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି-ବିଜେପି ମେଣ୍ଟ ସରକାର ଓଡ଼ିଶାବାସୀଙ୍କ ସେବା କରୁଥିଲେ କିନ୍ତୁ ଦୀର୍ଘଦିନ ଧରି ବିଜେଡ଼ି ହାତରେ ଶାସନ କ୍ଷମତାର ଡୋରି ରହିଲା । ଦୀର୍ଘ ଦିନ ଶାସନର ମହୁ ସ୍ୱାଭାବିକ ଭାବେ ଶାସକଙ୍କୁ ଅହଂକାରୀ, ଭ୍ରଷ୍ଟାଚାରୀ ଓ କ୍ଷମତାରେ ମଦମସ୍ତ କରିପକାଏ । ଅମଲାତନ୍ତ୍ର ପରୋକ୍ଷରେ ଶାସନ ଦାୟିତ୍ୱ ହାତକୁ ନେଇ ଏକ ପ୍ରକାର ଲୋକପ୍ରତିନିଧି ମାନଙ୍କ କ୍ଷମତାକୁ କେବଳ ଗୌଣ କଲେ ନାହିଁ ବରଂ ନିଜ ହାତ ମୁଠାରେ ରଖିଲେ । ଅଣ ଓଡ଼ିଆ ଅଧିକାରୀଙ୍କ ପ୍ରାଦୁର୍ଭାବ ରାଜ୍ୟ ତମାମ ଲୋକମାନଙ୍କୁ ଢ଼େର କଷ୍ଟ ଦେଲା । ଅଣ ଓଡ଼ିଆ ଅଧିକାରୀଙ୍କ ମାର୍ଫତରେ ତାଙ୍କ ଚିହ୍ନା ପରିଚିତ ବାହାର ରାଜ୍ୟର ଚିହ୍ନା ଲୋକ ଓ ବ୍ୟବସାୟୀ ମାନେ ଓଡ଼ିଶାରେ ବେପାର ବଣିଜ ଖୋଲିଲେ । ଜଣେ ଆଇଏଏସ୍ ଅଧିକାରୀ ମୁଖ୍ୟ ଶାସନ ସଚିବ ପାହ୍ୟା ନ ହୋଇ ମଧ୍ୟ ଭାରତରେ ପ୍ରଥମଥର ପାଇଁ '୫ଟି' ନାମକ ଏକ ଉଦ୍ଭଟ ବିଭାଗ ଖୋଲି ନିଜକୁ ସର୍ବେସର୍ବା ଭାବିଲେ । ମହାଭାରତର ଧୃତରାଷ୍ଟ୍ରଙ୍କ ପରି ରାଜ୍ୟର ମୁଖିଆ ସବୁ କିଛି ଦେଖିପାରି ମଧ୍ୟ ନଜର ଅନ୍ଦାଜ କରି ସେହି ଅଣଓଡ଼ିଆ ବାବୁଙ୍କ ହାତରେ ସବୁକିଛି ଟେକି ଦେଲେ । କୁହାଗଲା ମୁଖିଆଙ୍କ ନିର୍ଦ୍ଦେଶରେ ରାଜ୍ୟ ତମାମ ଆକାଶ ମାର୍ଗରେ ଭ୍ରମଣ କରି ସରକାରଙ୍କ ପ୍ରଚାର ପ୍ରସାର ଓ ଦଳୀୟ ପ୍ରଚାର ପ୍ରସାର ମଧ୍ୟ କଲେ । ସବୁଠାରୁ ଆଶ୍ଚର୍ଯ୍ୟକର କଥା ଥିଲା ଆମ ସ୍ୱାଭିମାନୀ ଓଡ଼ିଆ ବିଧାୟକ ମନ୍ତ୍ରୀମାନେ କିଏ ଟେଣ୍ଡ ବାନ୍ଧିଲାଣି ତ କିଏ ଟ୍ରାଫିକ ପୋଲିସର ଦାୟିତ୍ୱ ତୁଲାଇଲାଣି । କିଏ ଲୋକ ମାନଙ୍କ ବୋହିବା କାର୍ଯ୍ୟ ବୁଝାବୁଝି କଲାଣି ତ କିଏ ନିଜକୁ 'କୀତଦାସ' ବୋଲି କହିଲାଣି । ଏହି ସବୁ କଥା ହିଁ ଆତ୍ମ ସ୍ୱାଭିମାନୀ ଓଡ଼ିଆ ମାନଙ୍କ ଛାତିକୁ ଛୁଇଁଥିଲା । ଅତ୍ୟନ୍ତ ଦୁଃଖ, ବ୍ୟଥା ଓ ମ୍ରିୟମାଣ ଭିତରେ ଚାରିଆଡ଼େ ଗୁଞ୍ଜରିତ ହୋଇଥିଲା 'ଓଡ଼ିଆ ଅସ୍ମିତା' ।

ଓଡ଼ିଆ ଅସ୍ମିତାକୁ ହିଁ ମୁଖ୍ୟ ବିରୋଧୀ ଦଳ ବିଜେପି ଅସ୍ତ୍ର କରି, କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ବିଗତ ସରକାରର ଜନ ମାରଣ ଓ ବିରୋଧୀ ହାଓ୍ୱା ଯୋଗୁଁ ୨୦୨୪ରେ ଭାରତର ସବୁଠାରୁ ପ୍ରଭାବଶାଳୀ ଓ ଧନୀ ଆଞ୍ଚଳିକ ରାଜନୈତିକ ଦଳ 'ବିଜେଡ଼ି' ଓଡ଼ିଶାରେ ମାଟି କାମୁଡ଼ିଲା । ଗୋଟିଏ ବି ଲୋକସଭା ସିଟ ପାଇବାକୁ ଯୋଗ୍ୟ ହୋଇପାରିଲା ନାହିଁ । ଲୋକେ ମୋଦିଜୀ ଓ ମୋହନଜୀଙ୍କ ଉପରେ ଭରଷା କଲେ । ଏକୋଇଶ ମାସ ଅତିକ୍ରାନ୍ତ ଭିତରେ ଆଜି ଓଡ଼ିଶାରେ ଅନେକ ଲୋକାଭିମୁଖୀ ଯୋଜନା ଲୋକଙ୍କ ହିତ ପାଇଁ ଆଗେଇ ଚାଲିଛି । କିଛି ଅସୁବିଧା, ସମସ୍ୟା ତ ରହିବ । ନୂଆ ନୂଆ ପିଲାଟି ଚାଲିବା ଶିଖୁଥିବାବେଳେ ଯେପରି ଝୁଣ୍ଟି ପଡ଼େ ସରକାର ମଧ୍ୟ ଟିକିଏ ଝୁଣ୍ଟୁଛନ୍ତି ହୁଏତ ସରକାରୀ କୋଠାବାଡ଼ିର ରଙ୍ଗ ବଦଳିଛି ତେବେ ଏ ସବୁ ଭିତରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବିଭ୍ରାଟ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ମଧ୍ୟ । ଓଡ଼ିଶାର ଚଷାପୁଅଙ୍କ ପାଇଁ ସରକାର ୩୧୦୦ ଟଙ୍କା କୁଇଣ୍ଟାଲ ପ୍ରତି ଘୋଷଣା କରିଥିଲେ ମଧ୍ୟ ଚାଷୀଙ୍କ ଧାନ ମଣ୍ଡିରେ ଦିନ ଦିନ ଧରି ପଡ଼ି ରହୁଛି । ବ୍ୟାପକ ଅନିୟମିତତାକୁ ସହିବାକୁ ପଡୁଛି ସେହିପରି ଆକାଉଣ୍ଟକୁ ସରକାରଙ୍କ ସହାୟତା ଟଙ୍କା ଆସିବାରେ ବିଳମ୍ବ ହେଉଥିବାରୁ ଲୋକମାନେ ବେଳେ ବେଳେ ଅଧୈର୍ଯ୍ୟ ମଧ୍ୟ ହୋଇପଡୁଛନ୍ତି । ଉପକୂଳବର୍ତ୍ତୀ ଜିଲ୍ଲାର ଏକ ପ୍ରମୁଖ ଗୌରବ ବିମଣ୍ଡିତ ଜିଲ୍ଲା ହେଉଛି ଯାଜପୁର । ରାଜ୍ୟ ରାଜନୀତିରେ ଏ ଜିଲ୍ଲାର ପ୍ରଭାବ ଓ ଦବଦବା ସବୁ ଦଳ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ନିକଟରେ ପ୍ରଶାସନ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜିଲ୍ଲା ମହୋତ୍ସବ ପାଳନ କରିଛି । ଯେଉଁଠି ନାମୀ ଦାମୀ ତାରକା ଖଚିତ କଳାକାରଙ୍କ ପାଇଁ ସରକାର ପାଣି ପରି ଟଙ୍କା ଉଡାଉଛନ୍ତି ସେଠି ମଣ୍ଡିରୁ ଧାନ କାହିଁକି ଉଠୁନି ଏବଂ ଚାଷୀଟି ତା ପ୍ରାପ୍ୟଟି କାହିଁକି ପାଇପାରୁନି ଏ ଉତ୍ତର କିନ୍ତୁ ପ୍ରଶାସନ ପାଖରେ ନାହିଁ । ଯାଜପୁର ଜିଲ୍ଲା ମହୋତ୍ସବରେ ନବ ନିର୍ମାଣ କୃଷକ ସଂଗଠନର ଅନେକ ଚାଷୀ ସିଧାସଳଖ ମଞ୍ଚ ଉପରକୁ ସେମାନଙ୍କ ଧାନକୁ ନେଇ ଅତିଥି ଓ ଦର୍ଶକଙ୍କୁ ନିଜ ଦୁଃଖ ଓ କ୍ଷୋଭ ଜଣାଇଥିଲେ ।

ଓଡ଼ିଶା ହେଉଛି ପ୍ରଚୁର ଭୂମିଜ, ଖଣିଜ ସମ୍ପତ୍ତି ଥିବା ବିଶାଳ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ କିନ୍ତୁ ଆମ ରାଜ୍ୟରୁ ନିୟମିତ ଭାବେ ବ୍ୟାପକ କ୍ଷେତ୍ରରେ ଏସବୁ ଲୁଟ ହେଉଛି । ମୁଖ୍ୟମନ୍ତ୍ରୀ କଠୋର ନିର୍ଦ୍ଦେଶ ଦେଉଛନ୍ତି କିନ୍ତୁ ଏ ସବୁ ଭିତରେ ବି ତଳିଆ ପ୍ରଶାସକମାନେ ତାଙ୍କ ନିର୍ଦ୍ଦେଶକୁ ଫୁ କରି କିପରି ମାଟି, ବାଲି, ମୋହରମ, କଳାପଥର ଗଳା ବାଟ ଦେଇ ଲୁଟ ହେବ ତା'ପାଇଁ ଗୁରୁତ୍ୱ ଦେଉଛନ୍ତି । ସରକାରୀ ବଡ଼ ପଣ୍ଡା, ମାଫିଆ ଓ ସ୍ଥାନୀୟ କୁଜି ନେତାଙ୍କ ମଧୁଚନ୍ଦ୍ରିକା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁତ୍କାର କରିବା ପରି ଖଣି ବିଭାଗ, ତହସିଲ, ପୋଲିସ ଏ କ୍ଷେତ୍ରରେ ନିଦା ବିଷ୍ଣୁ ସାଜିଛନ୍ତି । ଆଉ ରହିଲା ଆଇନ ଶୃଙ୍ଖଳା ପରିସ୍ଥିତି ତାହା ନ କହିବା ଭଲ । କଟକ-ଭୁବନେଶ୍ୱର ବ୍ୟତୀତ ରାଜ୍ୟର ସହର ଓ ଗ୍ରାମାଞ୍ଚଳରେ ଲୋକମାନେ ପୋଲିସ ଠାରୁ ନ୍ୟାୟ ପାଉଛନ୍ତି କି ନାହିଁ ତାହା ସହୃଦୟ ପାଠକମାନେ ଅନୁଭବ କରିପାରୁଥିବେ । ଆମ ଜାତି, ରାଜ୍ୟ ମହାନ ଜଗନ୍ନାଥ ସଂସ୍କୃତିକୁ ନେଇ ଆମେ ବେଶ ଗର୍ବିତ । ନୂଆ ସରକାର ଆସିବା ପରେ ଜଗନ୍ନାଥ ଦର୍ଶନ ପାଇଁ ସୁବିଧା ବ୍ୟବସ୍ଥା କରିବେ ବୋଲି କହିଥିଲେ । ବର୍ତ୍ତମାନ ସମୟକୁ ଦେଖନ୍ତୁ ପୁରୀକୁ ବୃଦ୍ଧବୃଦ୍ଧା, ଛୋଟପିଲାମାନେ ଯାଉଥିଲେ ଦର୍ଶନ କରିବା କଷ୍ଟକର ଓ ଅସମ୍ଭବ ହୋଇପଡୁଛି । ଏତଦ୍ ବ୍ୟତୀତ କଥାରେ ନାହିଁ ଖଜୁରୀ ଗଛର କି ଗୁଣ ଗାଇବି.... । ଏବେ ବି ଡିପାର୍ଟମେଣ୍ଟ କାମରେ ଟେଣ୍ଡର ବଦଳରେ ଚିଠା, ପିସି ସବୁ ଚାଲୁଛି । ନୂତନ ରାସନ କାର୍ଡ଼ ଖଣ୍ଡକ ପାଇଁ, ବାର୍ଦ୍ଧକ୍ୟ ଭତ୍ତା ପାଇଁ ବୟସର ଶେଷ ସମୟରେ ପହଞ୍ଚିଥିବା ପରିଣତ ବୟସର ହିତାଧିକାରୀମାନେ ଯେଉଁ ଲୁହ ଗଡ଼ାଉଛନ୍ତି ତାହା କ'ଣ ଅକାରଣ ହେବ? ସରକାରଙ୍କ ପାଇଁ ଏସବୁ ବଡ଼ ଚ୍ୟାଲେଞ୍ଜ ନିଶ୍ଚୟ । ବିଗତ ସରକାର ଯେଉଁ ଦୋଷ କରୁଥିଲେ ତାହା ଅର୍ଥ କ'ଣ ନୂଆ ସରକାରଟି ସେହି ରାସ୍ତାରେ ଯିବେ କି । ସରକାର ସମ୍ବେଦନଶୀଳ ପ୍ରସଙ୍ଗରେ ଉତ୍ତରଦାୟିତ୍ୱ ନିର୍ବାହ କରନ୍ତୁ । ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦିଅନ୍ତୁ । ଲୋକଙ୍କ ସେବାରେ ନିଜକୁ ନିୟୋଜିତ କଲେ ଜଣେ ପ୍ରକୃତରେ ଜନନେତା ଲୋକପ୍ରତିନିଧି ହୋଇପାରିବ । ମୋ ପ୍ରିୟ ଓଡ଼ିଶା ମାଟି ବିକଶିତ ହେଉ, ପ୍ରତିଟି ଭାଇ ଭଉଣୀ ସୁଖ ସମୃଦ୍ଧରେ ରୁହନ୍ତୁ ଏହା ହିଁ କାମନା ।

+ଯାଜପୁର ରୋଡ଼, ଯାଜପୁର
ମୋ: ୯୯୩୮୫୩୬୦୭୬




## ମହୁଲ ଫୁଲ

### ଅସୀମା ପ୍ରଧାନ

ମହୁଲ ଫୁଲଟି ଆହା କି ମିଠା
ରସ ଯାଏ ପରା ନିଗିଡ଼ି
ଧୋବ ଫର ଫର ସଫେଦ ରଙ୍ଗ
ସୁନ୍ଦର ଚୂଳ ଯାଏ ତ ଜଡି ।

ଗୋଟାଇ ବାକୁ ମହୁଲ ଫୁଲ
ଶିଶୁ ମନକୁ ପଡେ ଡାକରା
ବିଛେଇ ହୋଇ ପଡେ ଖେତ ସାରା
ଯେସନେ ମୁକୁତା କେରା କେରା

ମହୁଲ ଚକୁଳି ସହ ପୋଡ ପିଠା
ଖାଇଲେ ଯାଏ ଅନ୍ତର ଭରି
କୋଳଥ ଶିମ୍ବ ଦେଇ ଶିଝାକଲେ
ଲାଗଇ ସ୍ୱାଦିଷ୍ଟ ଭାରି ।

ସଯତ୍ନରେ ଆଣି ଶୁଖାଇ ଦେଲେ
ମନ ଭରି ପଇସା ମିଳେ
ଓଡ଼ିଶାର ଅର୍ଥନୈତିକ ସ୍ଥିତି
ମହୁଲ ସୁଧାରିବରେ ପିଲେ ।

ଝଡଯାଇ ପତ୍ର ଦିଶଇ ଫୁଲ
ଡାଳରେ ହୋଇଣ ପେନ୍ଥା ପେନ୍ଥା
ଡେଇଁ ଡେଇଁକା ତୋଳି ମହୁଲ
ଗୋଡ଼ରେ ଆସିଯାଏ ତ ବ୍ୟଥା ।

ଅଧା ରାତିରୁ ନ ଥାଏ ନିଦ
ଗୋଟାଇ ଯିବି ବୋଲି ମହୁଲ
କି ନିଶା ଲାଗେ ଜାଣେନା ପରା
ସତେ ଯେପରି ଅମୂଲ ମୂଲ୍ୟ ।
ବାଡି ଖେଞ୍ଚି କରି ତୋଳି ଫୁଲ
ଟୋକେଇ ଆମର କରୁ ପୂରା
କାହାର ଫୁଲ ଅଧିକ ବୋଲି
ହୁଅଇ କେତେ ଟଣା ଓଟରା ।

ଫୁଲ ନୁହେଁ ସେତ ଧନ ପରା
ବିକିଲେ ମିଳେ ମୁଠାଏ ଟଙ୍କା
ପରିଶ୍ରମ ଯିଏ ନ କରଇ
ମୁହଟି ତାହାର ହୁଏ ବଙ୍କା ।

+ବୀରମହାରାଜପୁର, ସୁବର୍ଣ୍ଣପୁର

## ଜଗତେ ହୋଇବ ବଡ଼

### ଡ. ପୁରୁଷୋତ୍ତମ ଧଳ



ଏତ କଳି କାଳ ରୀତିରେ ସନିଆ
ଏତ କଳି କାଳ ରୀତି
ନିଜ ଧନ୍ଦା ଛାଡ଼ି ପର ଚରଚାରେ
ଅନେକ ଥାଆନ୍ତି ମାତି ।

ଅପର କଥାରେ ମୁଣ୍ଡ ପୂରାଇଲେ
ଆସେ ବହୁ ଅସଂଗତି
ନିଜ କାମ କଲେ ଯଥା ସମୟରେ
ମିଳେ ବହୁ ଅନୁଭୂତି ।

ଜାତି ଉତଥାନେ ଜାତୀୟ କଲ୍ୟାଣେ
ଦିଅ ଢାଳି ମନ ପ୍ରାଣ
ଦେଶ ଉନ୍ନତିରେ ଆମର ଉନ୍ନତି
ହୋଇବ ନିଶ୍ଚୟ ଜାଣ ।

ବାଜିଆ ଧରମା ଉପମନ୍ୟୁ କଥା
ସମୟ ମିଳିଲେ ପଢ଼
ଦେଶ ଦଶ ପାଇଁ କରିଗଲେ କାମ
ଜଗତେ ହୋଇବ ବଡ଼ ।

+ସଭାପତି, ପ୍ରାଣକୃଷ୍ଣ ଧଳ
ପାଠାଗାର,
ପଦିନାରାୟଣପୁର,
ବାରିକପୁର ବଜାର,
ଭଦ୍ରକ ୭୫୬୧୧୨
ମୋ : ୮୯୧୭୬୬୭୦୬୦

# ରାତିରେ ଭଲ ନିଦ ପାଇଁ ଆଜିଠୁ ଆରମ୍ଭ କରନ୍ତୁ ଏହି ଆୟୁର୍ବେଦିକ ପାନୀୟ



ସୁସ୍ଥ ରହିବା ପାଇଁ ଆମେ ପ୍ରତିଦିନ ରାତିରେ ଅତି କମରେ ୮ ଘଣ୍ଟା ଶୋଇବା ଉଚିତ ବୋଲି ଡାକ୍ତର ପରାମର୍ଶ ଦିଅନ୍ତି । କିନ୍ତୁ ଶୋଇବାକୁ ଚେଷ୍ଟା କରିବା ବେଳେବେଳେ କଷ୍ଟକର ହୋଇଥାଏ । ଆପଣ ପ୍ରକୃତରେ ଶୋଇବା ଅପେକ୍ଷା କିଛି ସମୟ ଶୋଇବା ପାଇଁ ଚେଷ୍ଟା କରିନ୍ତି ଏବଂ ସମୟ ଚାଲିଯାଏ । ଏହାର ସମାଧାନ ହଜାର ହଜାର ବର୍ଷ ଧରି ଥିବା ଆୟୁର୍ବେଦ ପାଖରେ ଅଛି । ଆସନ୍ତୁ ଦେଖିବା ଏହି ଆୟୁର୍ବେଦିକ ନିଦ ବୃଦ୍ଧିକରିବା ପାଇଁ କଣ କଣ ଉପାୟ ଦେଇଥାଏ । ଭଲ ନିଦ ପାଇଁ ଆମକୁ ସଠିକ ଭାବରେ ଖାଇବା ପିଇବା କରିବା ଉଚିତ୍ । ସେଥି ମଧ୍ୟରୁ ଆମେ ପିଇବା ପାଇଁ କଣ କଣ କରିପାରିବା ଆସନ୍ତୁ ଦେଖିବା ।

ପ୍ରଥମ ପାନୀୟ ହେଉଛି ମୁନ୍ ଡ୍ରିଙ୍କ୍ ;ଏକ ପାରମ୍ପରିକ ଆୟୁର୍ବେଦିକ ରେସିପି । ଏହା କିପରି ପ୍ରସ୍ତୁତ କରିବା ଆସନ୍ତୁ ଜାଣିବା ଏହା ଉଷୁମ କ୍ଷୀର, ହଳଦୀ, ଜାଇଫଳ ଏବଂ କେସର ସହିତ ତିଆରି କରାଯାଏ । ହଳଦୀ କ୍ଷତ ଏବଂ ପ୍ରଦାହକୁ ସୁସ୍ଥ କରିବା ଏବଂ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଣାଶୁଣା । ଜାଇଫଳ ଏବଂ କେସର ଚିନ୍ତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସାରେ ସହାୟକ । ଦ୍ୱିତୀୟ ପାନୀୟ ଏହି ପାନୀୟ ତିଆରି କରିବା ପାଇଁ ୧ କପ୍ କ୍ଷୀର ଗରମ କରନ୍ତୁ। ୧ ଚାମଚ ହଳଦୀ, ଅଧ ଚାମଚ ଜାଇଫଳ ପାଉଡର ଏବଂ ଏକ ଚିମୁଟା କେସର ମିଶାନ୍ତୁ । ଏହି ଗୋଲଡ୍ଡେନ ପାନୀୟ ଆପଣଙ୍କ ଶରୀର ଏବଂ ମନ ଉପରେ ଅତ୍ୟନ୍ତ ଶାନ୍ତ ପ୍ରଭାବ ପକାଇଥାଏ ।

ନିଦ ଆଣିବା ପାଇଁ ଆମର ତୃତୀୟ ପାନୀୟ ହେଉଛି ଯଷ୍ଟିମଧୁ ପାନୀୟ ଏବଂ ଏହାକୁ ଲାଇକୋରାଇସ୍ ପାନୀୟ ମଧ କୁହାଯାଏ । ଏହା କ୍ଷୀର ଏବଂ ଯଷ୍ଟିମଧୁ ସହିତ ତିଆରି କରାଯାଏ ଯାହାକୁ ଆଗରୁ 'ଲାଇକୋରାଇସ୍' କୁହାଯାଏ । ଯଷ୍ଟିମଧୁ ଶୁଖିଲା ମୂଳ, ପାଉଡର ଏବଂ ଟ୍ୟାବଲେଟର ଖଣ୍ଡ ଭାବରେ ଉପଲବ୍ଧ। ଆୟୁର୍ବେଦ ପ୍ରାୟତଃ ଚିନ୍ତାର ମୁକାବିଲା ପାଇଁ ଯଷ୍ଟିମଧୁ ବ୍ୟବହାର କରେ କାରଣ ଏହା ଅତ୍ୟଧିକ ସକ୍ରିୟ ସ୍ନାୟୁଗୁଡ଼ିକୁ ଶାନ୍ତ କରେ ଯାହା ଜଣେ ବ୍ୟକ୍ତିକୁ ଅସ୍ଥିର କରିପାରେ। ଏହା ଶ୍ୱାସକ୍ରିୟା ଅବସ୍ଥା ଏବଂ ପାଚନ ଅସନ୍ତୁଳନ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ମଧ ବ୍ୟବହୃତ ହୁଏ। ଏହି ପାନୀୟ ବହୁତ ଲାଭକାରୀ ।

# ଘର ଭାଙ୍ଗୁଛି ମୋବାଇଲ୍ : ସମ୍ପର୍କରେ ସନ୍ଦେହ ବଢ଼ାଉଛି ସ୍ମାର୍ଟଫୋନ୍

ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଛାଡ଼ପତ୍ର ସମସ୍ୟା ବହୁଳ ମାତ୍ରାରେ ବଢ଼ିଯାଇଛି । ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ବୁଝାମଣାର ଅଭାବ । ଉଭୟ ଉଭୟଙ୍କ ପ୍ରତି ଦୋଷାରୋପ କରିବା, ପରସ୍ପର ପ୍ରତି ସନ୍ଦେହ ଯୋଗୁଁ ଛାଡ଼ପତ୍ର ସଂଖ୍ୟା ଦିନକୁ ଦିନ ବଢୁଛି । ଅଳ୍ପ କିଛି ମାମଲାରେ ସତ୍ୟତା ଥାଇପାରେ । ହେଲେ ଅଧିକାଂଶ ମାମଲାରେ ସନ୍ଦେହ ହିଁ ଛାଡ଼ପତ୍ରର ପ୍ରମୁଖ କାରଣ । ମୁଖ୍ୟତଃ ସ୍ମାର୍ଟଫୋନ୍ ଏଥିପାଇଁ ଦାୟୀ । ସରଳ ଭାଷାରେ କହିଲେ ସବୁ ନାଟର ଗୋବର୍ଦ୍ଧନ ହେଉଛି ମୋବାଇଲ୍ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଟିଂ ଯୋଗୁଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଆଜି ସଂକଟରେ । ଯାହାଦ୍ୱାରା ପରସ୍ପର ମଧ୍ୟରେ ସନ୍ଦେହ ବଢୁଥିବା କଥା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି କହିଛନ୍ତି । ମୋବାଇଲ୍ ଜରିଆରେ ଶାଶୁଘରେ କରାଯାଉଥିବା କଥାବାର୍ତ୍ତା



ଛାଡ଼ପତ୍ରର କାରଣ ପାଲଟୁଛି । ଅନ୍ୟପକ୍ଷରେ ଉଚ୍ଚ ବର୍ଗରେ ଅହଙ୍କାର ହେଉଛି ଏହାର ଦ୍ୱିତୀୟ ବଡ଼ କାରଣ । ଶାଶୁଘରର ପ୍ରତିଟି ଛୋଟରୁ ଛୋଟ କଥା ବାପଘରକୁ ଜଣାଇବା ଦ୍ୱାରା ସଂପର୍କରେ ଅଧିକ ଫାଟ ସୃଷ୍ଟି ହୁଏ ଏବଂ ସଂପର୍କ ଭାଙ୍ଗିବାର ସମ୍ଭାବନା ମଧ ବଢ଼ିଯାଏ । ଅନ୍ୟପକ୍ଷରେ ଆଇନଜୀବୀ କହିଛନ୍ତି ଯେ ଆର୍ଥିକ ସ୍ତରରେ ସବଳ ସ୍ୱାମୀ , ସ୍ତ୍ରୀଙ୍କ ଅହଙ୍କାର ଅଧିକ ଥାଏ । ଛୋଟ ଛୋଟ ଝଗଡ଼ାରେ ଦୁହିଁଙ୍କ ଇଗୋ ହର୍ଟ ହେଲେ ମାମଲା ଛାଡ଼ପତ୍ରର ରୂପ ନିଏ । ଯଦି ସ୍ୱାମୀ,ସ୍ତ୍ରୀ ଅନ୍ୟ କାହା ସାମ୍ନାରେ କାହାରିକୁ ପାଟି କରିଦିଅନ୍ତି ତା'ହେଲେ ଛାଡ଼ପତ୍ର ହେବାରେ ଅଧିକ ସମୟ ଲାଗେନି । ତେବେ ଖାଲି ଉଚ୍ଚ ବର୍ଗ କାହିଁକି ଏହି ତାଲିକାରେ ଗରିବ ଶ୍ରେଣୀର ଦମ୍ପତି ମଧ ସାମିଲ ହେଲେଣି । ହେଲେ ଗରିବ ମହଙ୍ଗା ନ୍ୟାୟ ବ୍ୟବସ୍ଥା ଏବଂ ଆଇନର ସାହାରା ନେଉନଥିବାରୁ ଏହି ସମସ୍ୟା ଆଗକୁ ଆସିନଥାଏ । ଫଳରେ ଏଭଳି ଦମ୍ପତି ସବୁବେଳେ ଝଗଡ଼ା ଲାଗି ଏକସଙ୍ଗରେ ରହିଯାଆନ୍ତି ନହେଲେ ଅଲଗା ହୋଇ ରୁହନ୍ତି । ରେକର୍ଡରେ ଏମାନଙ୍କ ନାଁ ଆସିନଥାଏ । କିନ୍ତୁ ସମ୍ଭ୍ରାନ୍ତ ଶ୍ରେଣୀ ବର୍ଗରେ ଅଧିକ ଦମ୍ପତି ଛାଡ଼ପତ୍ରର ବାଟ ବାଛିଥା'ନ୍ତି । ଯେଉଁଥିପାଇଁ ଏମାନଙ୍କ ରେକର୍ଡ ଅଧିକ ସାମ୍ନାକୁ ଆସିଥାଏ ।

ଗଳିକନ୍ଦିର କାନ୍ଥଠାରୁ ଆରମ୍ଭ କରି ଦୋକାନ,ବଜାରର ହୋର୍ଡିଂରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥାଏ ଯେ ଧୂମପାନ ସ୍ୱାସ୍ଥ୍ୟ ପ୍ରତି ଅହିତକର । କିନ୍ତୁ ଶରୀର ପ୍ରତି ବିପଦ ବୋଲି ଜାଣି ସୁଦ୍ଧା ଅନେକ ଲୋକ ଧୂମପାନ କରିବାକୁ ଆଦୌ କୁଣ୍ଠାବୋଧ କରନ୍ତି ନାହିଁ । ଆଉ ଯଦି କେହି ସିଗାରେଟ୍ ଛାଡ଼ିବା ପାଇଁ ଉପଦେଶ ଦିଅନ୍ତି ତାଙ୍କୁ ପରିହାସ କରିବାକୁ ପଛାନ୍ତି ନାହିଁ । ଅନେକ ଲୋକ ତ ଜନଗହଳିପୂର୍ଣ୍ଣ ସ୍ଥାନରେ ଫୁ' ଫୁ କରି ସିଗାରେଟର ଧୂଆଁ ଛାଡ଼ନ୍ତି । ସେମାନେ ନିଜ ଦେହକୁ ତ ଅବହେଳା କରନ୍ତି ତା' ସହିତ ସାମ୍ନା ଲୋକଟିର ସ୍ୱାସ୍ଥ୍ୟକୁ ମଧ ଖରାପ କରିଦିଅନ୍ତି । ବର୍ତ୍ତମାନ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜଣେ ପିତାଙ୍କ ଧୂମପାନ ଅଭ୍ୟାସ କେବଳ ତାଙ୍କ ନିଜ ସ୍ୱାସ୍ଥ୍ୟ ଉପରେ ନୁହେଁ ବରଂ ତାଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ ପ୍ରଭାବ ପକାଇପାରେ । ଗବେଷଣା ଅନୁଯାୟୀ ଯଦି ଜଣେ ବାପା ନିଜ ସନ୍ତାନଙ୍କ ଆଗରେ ଲଗାତାର ଧୂମପାନ କରନ୍ତି ତେବେ ଏହାର ପ୍ରଭାବ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡାକ୍ତରମାନେ ଏହି ଗବେଷଣା କରିଥିଲେ ଏବଂ ଏହାକୁ ଜର୍ଣ୍ଣାଲ ଅଫ୍ ଦି ଏଣ୍ଡୋକ୍ରାଇନ୍ ସୋସାଇଟିରେ ପ୍ରକାଶ କରାଯାଇଥିଲା । ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି ବାପା ଧୂମପାନ କରନ୍ତି ତେବେ ତାଙ୍କ ପିଲା ଟାଇପ୍ ୨ ମଧୁମେହ ଠାରୁ ଆରମ୍ଭ କରି




ଯକୃତ ରୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ମେଟାବୋଲିକ୍ ରୋଗର ଶିକାର ହୋଇପାରିବେ । ଧୂମପାନ କରୁଥିବା ପୁରୁଷଙ୍କ ଶୁକ୍ରାଣୁରେ ପରିବର୍ତ୍ତନ ଆସିପାରେ । ଏହି ପରିବର୍ତ୍ତନଗୁଡ଼ିକ ଜନ୍ମିତ ଶିଶୁର ଶରୀରରେ ଶର୍କରା ମେଟାବୋଲିଜିମ୍ ଏବଂ ଇନସୁଲିନ୍ କାର୍ଯ୍ୟକୁ ପ୍ରଭାବିତ କରିପାରେ ଯାହା ଶିଶୁ ଶରୀରରେ ମଧୁମେହ ହେବାର ଆଶଙ୍କା ବୃଦ୍ଧି କରାଏ । ଗବେଷଣାରେ ୧ ହଜାର ପୁରୁଷଙ୍କୁ ସାମିଲ କରାଯାଇଥିଲା । ଏହି ପୁରୁଷମାନେ ପ୍ରତିଦିନ ଧୂମପାନ କରୁଥିଲେ । ଏମାନଙ୍କ ସନ୍ତାନ ମଧ୍ୟରୁ ୩୦ ପ୍ରତିଶତଙ୍କ ମଧ୍ୟରେ ମଧୁମେହ ଏବଂ ଯକୃତ ସମ୍ବନ୍ଧୀୟ ସମସ୍ୟାର ଲକ୍ଷଣ ଦେଖାଯାଇଥିଲା । ଯଦିଓ ବୈଜ୍ଞାନିକମାନେ କହିଛନ୍ତି ଯେ ଗବେଷଣା ଏପର୍ଯ୍ୟନ୍ତ ବହୁତ ବଡ଼ ସ୍ତରରେ ନାହିଁ କିନ୍ତୁ ପ୍ରାରମ୍ଭିକ ଫଳାଫଳ ଦର୍ଶାଉଛି ଯେ ଧୂମପାନ ଭବିଷ୍ୟତରେ ପିଲାମାନଙ୍କ ଶରୀର ଉପରେ ଗଭୀର ପ୍ରଭାବ ପକାଇବ । ଧୂମପାନ ସମୟରେ ନିକୋଟିନ୍ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରେ । ଏହା ଶରୀରର ମେଟାବୋଲିଜିମ୍ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଯାହା ଇନସୁଲିନ୍ କାର୍ଯ୍ୟ କରିବାର ପଦ୍ଧତିକୁ ପରିବର୍ତ୍ତନ କରିବାର କ୍ଷମତା ରଖେ ଏବଂ ଏହାଦ୍ୱାରା ବ୍ୟକ୍ତିଙ୍କୁ ଟାଇପ୍ ୨ ମଧୁମେହ ରୋଗ ମଧ ହୋଇପାରେ । ଭବିଷ୍ୟତରେ ପିଲାମାନଙ୍କଠାରେ ମଧୁମେହ ରୋଗର ବିକାଶ ଏହାଦ୍ୱାରା ହିଁ ହୁଏ । ଅଧ୍ୟୟନରୁ ଏହା ମଧ ଜଣାପଡ଼ିଛି ଯେ ପିତାଙ୍କ ଧୂମପାନ ପିଲାମାନଙ୍କ ଯକୃତ କାର୍ଯ୍ୟକୁ ମଧ ପ୍ରଭାବିତ କରେ । ଡାକ୍ତରମାନେ କୁହନ୍ତି ଯେ ଯଦି ଜଣେ ପୁରୁଷ ପିତା ହେବାକୁ ଯୋଜନା କରୁଛନ୍ତି ତେବେ ସେ ଧୂମପାନରୁ ଦୂରେଇ ରହିବା ଉଚିତ । ଧୂମପାନ ଛାଡ଼ିବା ଦ୍ୱାରା କେବଳ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ନାହିଁ ବରଂ ଗର୍ଭସ୍ଥ ଶିଶୁ ରୋଗାଗ୍ରସ୍ଥ ହେବାର ଯଥେଷ୍ଟ ସମ୍ଭାବନା ଅଛି ।



# ଚିନି ଛାଡ଼ି ଦେଖନ୍ତୁ: ଶରୀରରେ ଆସିବ ଚମତ୍କାର ପରିବର୍ତ୍ତନ !

କଣ ହୁଏ ଯେତେବେଳେ ଆପଣ ୧୪ଦିନ ପାଇଁ ଚିନି ବନ୍ଦ କରିଥାନ୍ତି । ଏହାକୁ ନେଇ ବିଶେଷଜ୍ଞ ମତ କଣ ଆସନ୍ତୁ ଜାଣିବା । ନୂଆ ବର୍ଷ ଆରମ୍ଭ ହୋଇ ପ୍ରାୟ ,୩ମାସ ହେଇଗଲାଣି , ଆପଣ ଯଜି ଏ ଜିନିଷ କରିନାହାନ୍ତି ତାହାଲେ ଏବେ ହି କରନ୍ତୁ । କିଛି ଜିନିଷର ଧ୍ୟାନ ଦିଅନ୍ତୁ ଜାହା ବଡ଼ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ । ଏପରି ଭାବରେ ଏହା ଠାରୁ ଭଲ ଉପାୟ ଆପଣ କଣ । ଯଦି ଏହି ଛୋଟ ଜିନିଷକୁ ନିଜର ନିତିଦିନିଆ ଜୀବନରେ ଆପଣେଇ ପାରିବେ ,ତାହାଲେ ଏହି ଅସୁସ୍ଥ କର ଜୀବନ ଛାଡ଼ି ଏକ ଭଲ ଜୀବନ ଯିଇ ପାରିବେ ଆସନ୍ତୁ ଜାଣିବା କଣ କରିବା ୧୪ ଦିନ ପାଇଁ ମିଠା ଜାତୀୟ ଖାଦ୍ୟ ନଖାଇଲେ କଣ ହୋଇଥାଏ ।

ଏକ ବଡ଼ ଗବେଷଣାରୁ ଜଣାପଡିଛି ଯେ ଅତ୍ୟଧିକ ଚିନି ମୋଟାପା, ଟାଇପ୍ ୨ ମଧୁମେହ, ଯକୃତରେ ଚର୍ବି ଏବଂ ହୃଦ୍ ସମସ୍ୟାର କାରଣ ହୁଏ । ତେଣୁ ଏହାକୁ କାଟିବା କେବଳ କ୍ୟାଲୋରି ପାଇଁ ନୁହେଁ । ଏହା ପ୍ରକୃତରେ ଆପଣଙ୍କ ଶରୀର ଶକ୍ତି ଏବଂ ଭୋକ ପରିଚାଳନା କରିବାର ପଦ୍ଧତିକୁ ପରିବର୍ତ୍ତନ କରେ । ଡାକ୍ତରଙ୍କ କହିବା ଅନୁସାରେ ଚିନିରେ ପ୍ରସ୍ତୁତ ଜିନିଷଗୁଡ଼ିକୁ ସ୍ୱାଦିଷ୍ଟ କରିବା ଅପେକ୍ଷା ବହୁତ କିଛି କ୍ଷତି କରିଥାଏ । ଏହା ଚୁପଚାପ୍ ଆପଣଙ୍କର ଇଚ୍ଛା, ଭୋକ ସଙ୍କେତ, ଇନସୁଲିନ୍ ଏବଂ ଯକୃତରେ ଚର୍ବି ସହିତ ବିଶୃଙ୍ଖଳିତ କରେ । ହଠାତ୍, ଆପଣଙ୍କ ଶରୀରର ନିଜସ୍ୱ ଶକ୍ତି ପ୍ରଣାଳୀ ଟ୍ରାକ୍‌ରୁ ଖସିଯାଏ ।



ଚିନି ବିନା ପ୍ରଥମ କିଛି ଦିନ ବହୁତ କଷ୍ଟକର ଲାଗିପାରେ । ଯେ ଅଧିକାଂଶ ଲୋକ ଲକ୍ଷ୍ୟ କରନ୍ତି ମିଠା ପାଇଁ ଲାଳସା ପ୍ରବଳ ହୁଏ ମୁଣ୍ଡବିନ୍ଧା କିମ୍ବା ଦୂରେଇ ଯାଇଥିବା ଅନୁଭବ ଚିଡ଼ଚିଡ଼ା, ମନୋଭାବ ପରିବର୍ତ୍ତନ, କିମ୍ବା କେବଳ ଦୁର୍ବଳ ଅନୁଭବ କିମ୍ବା ଧ୍ୟାନ ଦେବାରେ ଅସୁବିଧା ହୁଏ । ଏହା କିଛି ବିପଦପୂର୍ଣ୍ଣ ସଂଙ୍କେତ ନୁହେଁ, କିନ୍ତୁ ଆପଣଙ୍କ ମସ୍ତିଷ୍କ ନିଶ୍ଚିତ ଭାବରେ ଏହାର ସାଧାରଣ ଚିନି ସମାଧାନ ବିନା କ'ଣ କରିବେ ତାହା ଜାଣିବାକୁ ଚେଷ୍ଟା କରନ୍ତୁ । ଯେତେବେଳେ ଲୋକମାନେ ଚିନି ମିଶାଇବା ବନ୍ଦ କରନ୍ତି, ସେତେବେଳେ ପୁଷ୍ଟିସାର ବିଶେଷଜ୍ଞମାନେ ଏହି ପ୍ରାରମ୍ଭିକ ମନୋଭାବେ ଏବଂ ଶକ୍ତି ପରିବର୍ତ୍ତନ ସବୁ ସମୟରେ ଦେଖନ୍ତି । ଏବଂ ଏହା ନିୟମିତ ୧୪ ଦିନ କଲା ଆପଣ ହାଲୁକା ଅନୁଭବ କରିବେ । ଧିରେ ଧିରେ ଆପଣଙ୍କ ବ୍ଲଡ ସୁଗାର ମଧ କମିଥାଏ । ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୁଏ । ଆପଣ ମଧ୍ୟରେ ଏକ ନୂତନ ପରିବର୍ତ୍ତନ ଦେଖାଯାଇଥାଏ । ଏହାକୁ କରିବା ଦ୍ୱାରା ଏକ ସୁସ୍ଥ ଶରୀର ଲାଭ ହୋଇଥାଏ ।

# ଯୁବପିଢ଼ିଙ୍କୁ ବଡ଼ ବିପଦ ଅବସାଦ : ୬୦ ରାଙ୍କରେ ଭାରତ

ମାନସିକ ସ୍ୱାସ୍ଥ୍ୟ ମାପକାଠି , ସ୍କୋରରେ ଭାରତୀୟ ଯୁବବର୍ଗ ନିମ୍ନମାନର ପ୍ରଦର୍ଶନ କରିଛନ୍ତି । ୮୪ଟି ଦେଶକୁ ନେଇ କରାଯାଇଥିବା ବୈଶ୍ୱିକ ସ୍ୱାସ୍ଥ୍ୟ ଅଧ୍ୟୟନରେ ଭାରତୀୟ ଯୁବପିଢ଼ି ୬୦ତମ ର୍‌ୟାଙ୍କ୍‌ରେ ରହିଛନ୍ତି । ଆମେରିକାର ସାପିଏନ୍ ଲାବ୍‌ସ ଦ୍ୱାରା ୨୦୨୫ରେ କରାଯାଇଥିବା ଅଧ୍ୟୟନ ଗ୍ଲୋବାଲ ମାଇଣ୍ଡ ହେଲ୍‌ଥରେ ୧୮ରୁ ୩୪ ବର୍ଷ ବୟସବର୍ଗର ଭାରତୀୟ ଯୁବବର୍ଗଙ୍କୁ ସାମିଲ କରାଯାଇଥିଲା । ତେବେ ୫୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ଭାରତୀୟଙ୍କ ତୁଳନାରେ ସେମାନଙ୍କ ମାନସିକ ସୁସ୍ଥତା ଖରାପ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ବରିଷ୍ଠ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ଏହି ଅଧ୍ୟୟନରେ ୪୯ ର୍‌ୟାଙ୍କ୍‌ରେ ରହିଛି ।

ବିଚଳିତ ବର୍ଗରେ ଭାରତୀୟ ଯୁବବର୍ଗଙ୍କ ଏମ୍‌ଏଚ୍‌କ୍ୟୁ ସ୍କୋର ୩୩ ଥିବାବେଳେ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସ୍କୋର ପାଖାପାଖି ୧୦୦ ରହିଛି। ସବୁ ଦେଶରେ ମାନସିକ ସୁସ୍ଥତାରେ ବୟସ୍କଙ୍କ ତୁଳନାରେ ୧୮ରୁ ୩୫ ବର୍ଷ ବୟସ ବର୍ଗର ଯୁବବର୍ଗଙ୍କ ପ୍ରଦର୍ଶନ ଖରାପ ରହିଛି । ତେବେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ ଏବଂ ତାଞ୍ଜାନିଆ ଆଦି ଆଫ୍ରିକୀୟ ଦେଶରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି । ଅନ୍ୟ ପକ୍ଷରେ ଜାପାନ, ତାଇୱାନ, ହଂକଂ, ବ୍ରିଟେନ ଏବଂ ଚାଇନା ମାନସିକ ସୁସ୍ଥତା ର୍‌ୟାଙ୍କ୍‌ରେ ତଳେ ରହିଛନ୍ତି । ବିଶ୍ୱ ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନ୍ ?ଲାଣ୍ଡ ମାନସିକ ସୁସ୍ଥତା ସୂଚକାଙ୍କରେ ୫୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୮ରେ ଏବଂ ୧୮ରୁ ୩୫ ବର୍ଷ ବୟସ ବର୍ଗଙ୍କ ପାଇଁ ୪୦ତମ ସ୍ଥାନରେ ରହିଛି ।



୨୦୨୪ ଏବଂ ୨୦୨୫ରେ ୮୪ଟି ଦେଶର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଇଣ୍ଟରନେଟ୍ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି ।

ଏଥିରୁ ମୁକୁଳିବାର ଟିପ୍ସ :

ଶାରୀରିକ ଗତିବିଧି :
ଅବସାଦରୁ ମୁକୁଳିବାର ସହଜ ଉପାୟ ହେଉଛି ଯୋଗ । ଏହାସହ ସକାଳ ସନ୍ଧ୍ୟାରେ ଚାଲିବା, କିଛି ସମୟ ଜୁମ୍ବା ଏକ୍ସରସାଇଜ୍ କରିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ ହର୍ମୋନ୍ ରିଲିଜ୍ ହୁଏ , ଯାହା ମନକୁ ହାଲକା ବା ସହଜ କରିଦିଏ ।

ଗଭୀର ଶ୍ୱାସ ଓ ଧ୍ୟାନ : ଅବସାଦ ଅନୁଭବ କଲେ ବେଶି ନୁହେଁ ୪ରୁ ୫ ସେକେଣ୍ଡ ଗଭୀର ପ୍ରଶ୍ୱାସ ନିଅନ୍ତୁ , ୪ ସେକେଣ୍ଡେ ଶ୍‌ତବାସକୁ ଭିତରେ ରଖି ୪ ସେକେଣ୍ଡରେ ଛାଡ଼ନ୍ତୁ । ଏହା ସହ ଧ୍ୟାନ କରନ୍ତୁ , ଯାହା ମନକୁ ଶାନ୍ତ କରିଥାଏ ।

ସାତ୍ତ୍ୱିକ ଖାଦ୍ୟ, ଆବଶ୍ୟକ ନିଦ :
ସନ୍ତୁଳିତ ଆହାର ସହ ୬ରୁ ୭ ଘଣ୍ଟା ଶୁଅନ୍ତୁ । କଫି, ଚିନି ପରି ଜିନିଷରୁ ଦୂରେଇ ରୁହନ୍ତୁ । କୌଣସି ପ୍ରକାର ସ୍କ୍ରିନରୁ ଦୂରେଇ ରୁହନ୍ତୁ ।

ଡାଏରି ଲେଖନ୍ତୁ :
ନିଜ ବିଚାରକୁ କାଗଜରେ ଲେଖିଦିଅନ୍ତୁ । ଏହା ଦ୍ୱାରା ମନର ବୋଝ ହାଲକା ହୋଇଯାଏ । ଏହାସହ ସାଙ୍ଗ ମାନଙ୍କ ସହ ସମୟ ବିତାଇବା ସହ କାମରୁ କିଛି ଦିନର ବ୍ରେକ୍ ନେଇ ବୁଲିବାକୁ ଯାଆନ୍ତୁ , ଗୀତ ଶୁଣନ୍ତୁ ବା କୌଣସି ଯେକୌଣସି ରଚନାତ୍ମକ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ ।ଦେଖିବେ ଧୀରେ ଧୀରେ ଆପଣଙ୍କ ଅବସାଦ ଦୂରେଇଯିବ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ଜଳ ଦିବସ ପାଳିତ



ରାଉରକେଲା, ୨୪/୩ (ନି.ପ୍ର): "କ୍ଷରଣ ହେଉଥିବା ପ୍ରତ୍ୟେକ ଜଳବିନ୍ଦୁକୁ ବନ୍ଦ କରିବା ଅପରିହାର୍ଯ୍ୟ, ଏହା ହିଁ ଜୀବନର ଅମୃତ", ବୋଲି ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ୨୩ ମାର୍ଚ୍ଚ ୨୦୨୬ ରେ ବିଶ୍ୱ ଜଳ ଦିବସ ପାଳନରେ ମୁଖ୍ୟ ଅତିଥି ଭାବରେ ନିଜର ଅଭିଭାଷଣ ପ୍ରଦାନ କରି କହିଥିଲେ। ଏଲ୍ ଆଣ୍ଡ ଡି ସେଣ୍ଟରରେ ଆରଏସପିର ଜଳ ପରିଚାଳନା ବିଭାଗ ଦ୍ୱାରା ଆୟୋଜିତ ,ବିଶ୍ୱ ଜଳ ଦିବସ ପାଳନ ଅବସର ରେ ମୁଖ୍ୟ ଅତିଥି ଶ୍ରୀ ବର୍ମାଙ୍କ ସହ ଶ୍ରୀ ବି କେ ଗିରି, ଇଡି (ଏମ୍ ଡି-ସିଏମଏଲଓ), ଶ୍ରୀ ବି ଆର ପଲାଇ, ଇଡି (କାର୍ଯ୍ୟ), ଶ୍ରୀ ଅନିଲ କୁମାର, ଇଡି (ଏମ୍ ଏମ୍), ଶ୍ରୀ ଏମ ପି ସିଂହ, ଇଡି (ଖଣି) ମଧ୍ୟ ମଞ୍ଚ ଉପରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ କାରଖାନା ର ଅନେକ ସିଜିଏମ୍, ବିଭାଗୀୟ ମୁଖ୍ୟ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ, ଛାତ୍ର ଏବଂ ଅଭିଭାବକ ଯୋଗ ଦେଇଥିଲେ।

ସଭାକୁ ସମ୍ବୋଧିତ କରି ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ବର୍ମା , ସମାଜ ଏବଂ ଶିଳ୍ପ ଉଭୟରେ ଜଳ ହିଁ ଜୀବନରେଖା ଓ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। 'ପ୍ରାଚୁର୍ଯ୍ୟ ଏବଂ ସଙ୍କଟ ହେଉଛି ଆଜିର ବିଶ୍ୱ ଜଳ ପରିସ୍ଥିତିର ଦୁଇଟି ଚରମ ସ୍ଥିତି। ଆମକୁ ଦାୟିତ୍ୱପୂର୍ଣ୍ଣ ଆଚରଣ କରିବାକୁ ପଡିବ, ଯାହା ଦ୍ୱାରା ଆଜିର ଉପଲବ୍ଧ ଜଳ କାଲି ଆମ ପାଇଁ ଭୟ ସଂଚାର କରିବା ନାହିଁ ,' ସେ ଆହୁରି ମଧ୍ୟ କହିଥିଲେ । ଶ୍ରୀ ବର୍ମା ଭୂତଳ ଜଳ ସ୍ତର ବୃଦ୍ଧି ପାଇଁ ବର୍ଷା ଜଳ ଅମଳ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଶ୍ରୀ ପଲାଇ ଶିଳ୍ପ କାର୍ଯ୍ୟ ଏବଂ ପରିବେଶଗତ ସନ୍ତୁଳନକୁ ବଜାୟ ରଖିବାରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କଞ୍ଚାମାଲ ବିଭାଗର ଉଦାହରଣ ଦେଇ, ଜଳ ସଂରକ୍ଷଣ ପ୍ରୟାସ ସେଠାରେ କିଭଳି ଲାଭପ୍ରଦ ସାବ୍ୟସ୍ତ ହୋଇଛି ସେ କଥା ବର୍ଣ୍ଣନା କରିବା ସହିତ ଜଳ ବ୍ୟବହାର ପ୍ରତି ଏକ ଦାୟିତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଜଳ ପରିଚାଳନା ବିଭାଗର ଏସଓଏସଟି ଶ୍ରୀ ଏସ୍. ପଣ୍ଡାଙ୍କ ଦ୍ୱାରା ବୈଦିକ ଶ୍ଳୋକ ଗାନ ମଧ୍ୟରେ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜଳ ସଂରକ୍ଷଣ ଉପରେ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ଏବଂ ତାଙ୍କ ବର୍ଗରେ ବକ୍ତୃତା ପ୍ରତିଯୋଗିତାର ପ୍ରଥମ ପୁରସ୍କାର ବିଜେତା ସୁଶ୍ରୀ ଏସ୍ ପ୍ରିୟଦର୍ଶିନୀ ଜେନା, ଜଳ ସଂରକ୍ଷଣ ବିଷୟବସ୍ତୁ ଉପରେ ଏକ ପ୍ରଭାବଶାଳୀ ବକ୍ତବ୍ୟ ପ୍ରଦାନ କରିଥିଲେ।

ଶ୍ରୀମତୀ ଆଶା ଏସ କାର୍ଥା, ସିଜିଏମ (ଇଉଟିଲିଟି ଓ ଏନଭାଇରନମେଣ୍ଟ ) ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଏହି ବର୍ଷର ବିଷୟବସ୍ତୁ 'ଜଳ ଏବଂ ଜେଣ୍ଡର' ଉପରେ ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଶ୍ରୀ ଦେବଜିତ ରାଭା, ଜିଏମ ଇନଚାର୍ଜ (ଡବ୍ଲୁଏମଡି) ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଶ୍ରୀ ଅଜିତ କୁମାର ବେହେରା, ଜିଏମ, ଡବ୍ଲୁଏମଡି ପୁରସ୍କାର ବଣ୍ଟନ ଉତ୍ସବର ସଂଯୋଜନା କରିଥିଲେ ଏବଂ ଶ୍ରୀ ଦୀପକ ଗର୍ଗ, ସିନିୟର ମେନେଜର (ଡବ୍ଲୁଏମଡି) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ ୧୯୯୨ ମସିହାରେ ଜାତିସଂଘ ଦ୍ୱାରା ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ୨୨ ମାର୍ଚ୍ଚକୁ ବିଶ୍ୱ ଜଳ ଦିବସ ଭାବରେ ପାଳନ କରାଯାଉଛି। ଆରଏସପିରେ ଏହା ୨୦୦୪ ମସିହାରୁ ପାଳନ କରାଯାଉଛି। ଏକ ସମନ୍ୱିତ ଜଳ ନୀତି ପ୍ରଣୟନ ଓ ଗ୍ରହଣ ଏବଂ ପ୍ରଥମ ବାହ୍ୟ ଜଳ ଅଡିଟ୍ କରିବା ପାଇଁ ସେଲ୍‌ର ପ୍ରଥମ ୟୁନିଟ୍ ହେବାର ଶ୍ରେୟ ମଧ୍ୟ ଆରଏସପିକୁ ମିଳିଛି।

# ମହିଳା ଆୟୋଗ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର, ୨୪/୩ (ନି.ପ୍ର): ମହିଳାଙ୍କ ବିରୁଦ୍ଧରେ ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ ନିର୍ଯ୍ୟାତନା, ସମ୍ପତ୍ତି ବିବାଦ, କାର୍ଯ୍ୟାସ୍ଥଳରେ ନିର୍ଯ୍ୟାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ କେନ୍ଦୁଝର ଏବଂ ଦେବଗଡ ଜିଲ୍ଲା ସକାଶେ ଦରବାର ହଲ, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ସମୁଦାୟ ୩୪ ଗୋଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ, ସେଥି ମଧ୍ୟରୁ ମୋଟ ୧୩ ଗୋଟି ମାମଲାରେ ଜନ ଶୁଣାଣି କାର୍ଯ୍ୟକ୍ରମରେ ପକ୍ଷମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି ହୋଇ, ୭ ଗୋଟି ମାମଲାର ଫଇସଲା ହୋଇଥିବା ବେଳେ, ୩ ଗୋଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା, ୧ ଗୋଟି ମାମଲାରେ ଅନ୍ୟ କର୍ତ୍ତୃପକ୍ଷକୁ ପ୍ରେରଣ କରାଯାଇଥିଲା, ଅନ୍ୟ ୨ଗୋଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଆଜିର ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଓ ଦେବଗଡ ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ମାମଲା ଗୁଡିକରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଦାଖଲ କରିଥିଲେ। ସେହିପରି, ଉକ୍ତ ଜନଶୁଣାଣୀ କାର୍ଯ୍ୟକ୍ରମରେ ସମୁଦାୟ ୮ ଗୋଟି ନୂତନ ମାମଲାର ପଞ୍ଜିକରଣ ମଧ୍ୟ ହୋଇଥିଲା। ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ଆୟୋଗର ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ, ଦେବଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅନିଲ କୁମାର ମିଶ୍ର, କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ , କେନ୍ଦୁଝର ଅତିରିକ୍ତ ଉପ-ଆରକ୍ଷୀ ଅଧୀକ୍ଷୀକା ଶ୍ରୀମତୀ ପୂଜା ଧାମ, କେନ୍ଦୁଝର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ଦାସ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ଚନ୍ଦ୍ରକାନ୍ତି ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷ ତରଫରୁ ଶ୍ରୀ ଅକ୍ଷୟ କୁମାର ଚକ୍ର, କେନ୍ଦୁଝର ପରିବାର ପରାମର୍ଶ କେନ୍ଦ୍ରର କାଉନସ୍ଲେଲର ଶ୍ରୀମତୀ ଜୟଶ୍ରୀ ଦାଶ ଏବଂ ଶ୍ରୀ ବିନୋଦ ବିହାରୀ ରାଉତ ପ୍ରମୁଖ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସାହାଯ୍ୟ ଓ ସହଯୋଗ କରିଥିଲେ। ସେହିପରି, ମହିଳା ଆୟୋଗର ଆଇନ୍ ସହାୟକ ଶ୍ରୀ ଅରବିନ୍ଦ ପଟ୍ଟନାୟକ, ଦୁଇଜଣ କାଉନସ୍ଲେଲର ଶ୍ରୀମତୀ ବନ୍ଦନା ମହାନ୍ତି, ଶ୍ରୀମତୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଶ୍ରୀ ତ୍ରିଲୋଚନ ନାୟକ, ଶ୍ରୀ ଚିତରଞ୍ଜନ ସାହୁ, ଶ୍ରୀ ଅନ୍ତରଯାମୀ ରାଉତ ଏବଂ ଶ୍ରୀ ରାମଚନ୍ଦ୍ର ବେହେରା ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

# ବିରି ଗୁଣ, ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୪/୩ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବିରି ଔଷଧ ଭାବରେ କେମିତି ବ୍ୟବହାର କରିପାରିବେ କହିଥିଲେ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ ବିରିଜାଇ ସିଝାଇ ପୋଟଳି କରି ଗଣ୍ଠିବାତରେ ସେକ ଦେବେ, ବିରଜାଇ ଡାଲି ଖାଇଲେ ପକ୍ଷାଘାତ, ନାଡୀ ଦୁର୍ବଳ, ଅରୁଚି, ବିବନ୍ଧ, ଉଦରଶୂଳ, ମୂତ୍ରକୃଚ୍ଛ୍ର ପାଇଁ ହିତକର। ଅନାର୍ତ୍ତବ, ଧ୍ୱଜଭଙ୍ଗ, ମାତୃସ୍ତନ୍ୟ କମ୍ ହେଲେ ଗୁଡ଼ କ୍ଷୀର ସହ ପାୟସ କରି ଖାଇବ। ବିରି ପାମ୍ପଡ଼ ରାଶିତେଲରେ ଛାଣି ଖାଇଲେ ଅଂଟାବ୍ୟଥା ଭଲ ହୁଏ। ବିରିସିଝା ଶୁଣ୍ଠି ଚୂର୍ଣ୍ଣ ସହ ଖାଇଲେ ପକ୍ଷାଘାତ, ହଳଦୀ ଗୁଣ୍ଡ ସହ ଖାଇଲେ ପ୍ରମେହ, ବିରିଜାଇ କ୍ୱାଥ ନାକରେ ପକାଇଲା ବିଶ୍ୱାଚି ଭଲ ହୋଇଯାଏ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ।

# ବାଇକ୍ - ବୋଲେରୋ ଧକ୍କା : ୨ ମୃତ

ଜୟପୁର, ୨୪/୩ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ଥୋଡରିପୁଟ ନିକଟରେ ବାଇକକୁ ଧକ୍କା ଦେଇଛି ଏକ ବୋଲେରୋ । ଦୁର୍ଘଟଣ ।ରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ମାନେ ହେଲେ ଜୟପୁର ସହର ଗୋଡିଆ ଧୋବା ସାହିର ଲାଲୁ ଖରା (୨୫) ଏବଂ ରୁଷିଆ କୋଲନିର ପିତୁ ଜାନୀ (୪୪)। ପୋଲିସର ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତ୍ରରେ ବୋଲେରୋଟି ବୈପାରିଗୁଡା ଅଭିମୁଖେ ଯାଉଥିବା ବେଳେ ବାଇକଟି ଜୟପୁର ଅଭିମୁଖେ ଆସୁଥିବା ସମୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକରେ ଥିବା ୨ ଜଣ ଗୁରୁତର ହୋଇ ପଡିଥିଲେ । ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ସମ୍ପର୍କୀୟମାନେ ଥାନାରେ ପହଂଚି କ୍ଷତିପୂରଣ ଦାବି କରିଥିଲେ । ଏମିତିକି ଜୟପୁର ସଦର ଥାନା ସମ୍ମୁଖରେ ଚାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଶହ ଶହ ସଂଖ୍ୟାରେ ଗାଡି ଉଭୟ ପଟେ ଅଟକି ରହିଥିଲା । ଫଳରେ ସଦର ଥାନା ଅଧିକାରି ରାମଶାଦ କେବି ଓ ଇନସପେକ୍ଟର ସଚିନ୍ଦ୍ର ପ୍ରଧାନ ପହଂଚି ବୁଝା ସୁଝା କରିଥିଲେ । ବୋଲେରୋ ମାଲିକ ୨ ଲକ୍ଷ ଟଙ୍କା ଓ ରେଡକ୍ରସ ଫାଣ୍ଡିରୁ ୨୦ ହଜାର ଦେବାକୁ ପ୍ରତଶ୍ରୁତି ଦେବାରୁ ରାସ୍ତା ରୋକରୁ ହଟିଥିଲେ । ପରେ ମୃତ ୨ ଜଣଙ୍କର ଶବକୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଅପପୁଷ୍ଟି ମୁକ୍ତ ହେବ ମାଲକାନଗିରି : ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ ପୋଷଣ-୧୫ ଶୁଭାରମ୍ଭ

ମାଲକାନଗିରି, ୨୪/୩ (ନି.ପ୍ର): ମାଲକାନଗିରି ଜିଲ୍ଲାରୁ ଅପପୁଷ୍ଟିର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁମାନଙ୍କ ସୁସ୍ଥ ଭବିଷ୍ୟତ ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ପୋଷଣ-୧୫ ର ଶୁଭାରମ୍ଭ ଆଜି କରାଯାଇଛି। ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଭିଡିଓ କନଫରେନ୍ସିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟି ଓ ବାମନତା ସମସ୍ୟା ଦୂର କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏଥିରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ଅଭିଯାନ ଅଧୀନରେ ପ୍ରଶାସନ ପକ୍ଷରୁ ୧୫ଟି ପ୍ରଭାବଶାଳୀ ସ୍ଲୋଗାନ ପ୍ରସ୍ତୁତ କରାଯାଇଛି। ଏହି ସ୍ଲୋଗାନଗୁଡ଼ିକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ନିକଟରେ ପହଂଚାଯିବ। ସୁସ୍ଥ ଶରୀର, ସୁସ୍ଥ ମନ, ସଠିକ ପୋଷଣ ଆମର ଧନ ଭଳି ବାର୍ତ୍ତା ଦେଇ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରତି ଆକୃଷ୍ଟ କରାଯିବାର ଯୋଜନା ରହିଛି । ଖୁବଶୀଘ୍ର ପ୍ରତ୍ୟେକ ବ୍ଲକରେ ବିଡିଓ ମାନଙ୍କ ନେତୃତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ ଓ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ମା ଏବଂ ଶିଶୁମାନଙ୍କୁ ସଠିକ ପୋଷଣର ମହତ୍ୱ ବୁଝାଇବେ। ଜିଲ୍ଲାର ପିଲାମାନେ ଯେପରି ଶାରୀରିକ ଓ ମାନସିକ ଭାବେ ସୁଦୃଢ଼ ହେବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ଏହି ବଡ଼ ପଦକ୍ଷେପ ଗ୍ରହଣ କରିଛି। ସୁସ୍ଥ ଶିଶୁ, ସୁସ୍ଥ ମାଆ, ବିକଶିତ ହେବ ଆମ ଓଡ଼ିଶା - ଏହି ନାରାକୁ ପାଥେୟ କରି ମାଲକାନଗିରିକୁ ଏକ ମଡେଲ ଜିଲ୍ଲାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ୨ ବର୍ଷ ହେଲା ଆରପିଡିଏସି ବୈଠକ ନାହିଁ : ସମସ୍ୟାରେ ବିସ୍ଥାପିତ, ଜିଲ୍ଲାରେ ବଢୁଛି ଅସନ୍ତୋଷ

ଝାରସୁଗୁଡା, ୨୪/୩ (ନି.ପ୍ର): ଝାରସୁଗୁଡା ଜିଲ୍ଲାରେ ଗତ ଦୁଇ ବର୍ଷ ଧରି ପୁନର୍ବାସ ଓ ପାର୍ଶ୍ୱବର୍ତ୍ତୀ ଅଂଚଳ ବିକାଶ ପରାମର୍ଶଦାତା ସମିତି (ଆରପିଡିଏସି) ବୈଠକ ଆୟୋଜନ ହୋଇନଥିବାରୁ ବିସ୍ଥାପିତ ପରିବାରମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାରେ ଗତ ୨୫ ବର୍ଷ ଧରି ଅନେକ ଛୋଟ ବଡ଼ କମ୍ପାନୀ ସ୍ଥାପିତ ହେବା ଫଳରେ ଶତାଧିକ ପରିବାର ନିଜ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। କିଛି ଅଂଚଳରେ ଏହି ପ୍ରକ୍ରିୟା ଏବେ ମଧ୍ୟ ଚାଲିଛି । ରାଜ୍ୟ ସରକାରଙ୍କ ପୁନର୍ବାସ ଓ ସ୍ଥାନାନ୍ତରଣ ନୀତି ଅନୁଯାୟୀ, ପ୍ରତି ତିନି ମାସରେ ଥରେ ଆରପିଡିଏସି ବୈଠକ ହେବା ଆବଶ୍ୟକ। ଏହି ବୈଠକରେ ବିସ୍ଥାପିତଙ୍କ ଆର୍ଥିକ ସହାୟତା, ନିଯୁକ୍ତି ସୁଯୋଗ, ପୁନର୍ବାସ କଲୋନୀରେ ମୌଳିକ ସୁବିଧା ଓ ସିଏସଆର ପାଣ୍ଠି ବ୍ୟବହାର ନେଇ ସମୀକ୍ଷା କରାଯାଏ। ତଥାପି ଜାନୁଆରୀ ୨୦୨୪ ଠାରୁ ଜିଲ୍ଲାରେ ଏପର୍ଯ୍ୟନ୍ତ କୌଣସି ବୈଠକ ହୋଇନଥିବା ଅଭିଯୋଗ ହେଉଛି । ଅନ୍ୟପଟେ, ସମ୍ବଲପୁରରେ ଚଳିତ ବର୍ଷ ଜାନୁଆରୀରେ ଏକ କମ୍ପାନୀ ସମ୍ବନ୍ଧୀୟ ଆରପିଡିଏସି ବୈଠକ ହୋଇଥିବା ବେଳେ, ଝାରସୁଗୁଡାର ବିଭିନ୍ନ ଅଂଚଳର ବିସ୍ଥାପିତଙ୍କ ସମସ୍ୟା ଅବହେଳିତ ରହିଛି ବୋଲି ଅଭିଯୋଗ ଉଠୁଛି। ଏହା ଫଳରେ ପାନୀୟଜଳ, ବିଦ୍ୟୁତ, ରାସ୍ତାଘାଟ ଓ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସୁବିଧା ଯୋଗାଣ ନେଇ ସନ୍ଦେହ ସୃଷ୍ଟି ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ବିସ୍ଥାପିତ ପ୍ରତିନିଧିମାନେ ତୁରନ୍ତ ଆରପିଡିସି ବୈଠକ ଡାକିବାକୁ ଜିଲ୍ଲା ପ୍ରଶାସନଙ୍କୁ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ବୈଠକ ହେଲେ ବିସ୍ଥାପିତଙ୍କ ସମସ୍ୟାର ସଠିକ୍ ମନିଟରିଂ ଓ ସମାଧାନ ସମ୍ଭବ। ଏନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶୀଘ୍ର ଆରପିଡିଏସି ବୈଠକ ଆୟୋଜନ କରାଯିବ। ବିଭିନ୍ନ ସମୟରେ କମ୍ପାନୀ ସମ୍ବନ୍ଧୀୟ ଅଭିଯୋଗ ଆସୁଥିବା ସହ ତାହାର ସମାଧାନ ମଧ୍ୟ କରାଯାଇଛି ବୋଲି ସେ ଜଣାଇଛନ୍ତି। ବର୍ତ୍ତମାନ ସମୟରେ ଜିଲ୍ଲାର ବିସ୍ଥାପିତ ଲୋକମାନଙ୍କ ଦୁଃଖ ଦୂର କରିବା ପାଇଁ ଶୀଘ୍ର ବୈଠକ ଆୟୋଜନ କରି ପ୍ରାୟୋଗିକ ପଦକ୍ଷେପ ନେବାକୁ ସାଧାରଣ ମହଲରେ ଜୋରଦାର ଦାବି ହେଉଛି।

# ବେନାମୀ ମହାରଣା ସଂଘର ଛତ୍ରଭଙ୍ଗ : ପୋଲିସ ବନ୍ଦ କଲା ବୈଠକ

ପୁରୀ, ୨୪/୩ (ନି.ପ୍ର): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଗତ ୧୮ ତାରିଖ ଦିନ ପୁରୀ ୟୁଥ ହଷ୍ଟେଲ ଠାରେ ବେନାମୀ ବେନିୟମ ସଂଘ ଭୁବନେଶ୍ୱର ବୈଠକରେ ସଦଦ୍ୟମାନେ ଯୋଗ ନଦେବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହା ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ଏହି ଅନୈତିକ ସଂଘ ବାରଣ ସତ୍ତ୍ୱେ ଭୁବନେଶ୍ୱର ଖାରବେଳ ଥାନା ଅନ୍ତର୍ଗତ ରେଡକ୍ରସ ଭବନରେ ବୈଠକ ଆରମ୍ଭ କରିଥିଲେ। ସ୍ୱୀକୃତିପ୍ରାପ୍ତ ସଂଘର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ଓ ସମ୍ପାଦକ ମନରଞ୍ଜନ ମହାରଣାଙ୍କ ସହ ଶତାଧିକ ସଦସ୍ୟ ଏହି ବୈଠକକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବାରେ ଦୁଇ ପକ୍ଷରୁ ନେତୃବୃନ୍ଦଙ୍କ କାଗଜପତ୍ର ତନଖି ଥାନାରେ କରାଯାଇଥିଲା। ସୂର୍ଯ୍ୟନାରାୟଣଙ୍କ ସଂଘ କାଗଜପତ୍ର ଠିକ ଥିବାବେଳେ ସଂଘ ନାମରେ ଛଦ୍ମଧାରୀ ସଂଘ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ଯାହାଫଳରେ ସଭା ଅଧାରୁ ପୋଲିସ ବନ୍ଦ କରିଦେଇଥିଲା। ଏ ସମ୍ପର୍କରେ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ପୁରୀରେ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି ଆମ ସଂଘକୁ ଆଇଜିଆର ସ୍ୱୀକୃତି ଦେଇଥିବା ବେଳେ ଏହି ସଂଘ ନାମ ରେଜିଷ୍ଟ୍ରେସନ ଥାଇ ଅନ୍ୟ କୌଣସି ବ୍ୟକ୍ତି ବୈଠକ କରିପାରିବେ ନାହିଁ। ସଂଘର ରାଜ୍ୟରେ ଥିବା ସଭ୍ୟମାନଙ୍କୁ ମିଥ୍ୟା ଆଶ୍ୱାସନା ଦେଇ ବୈଠକକୁ ଡାକି ଥିବାରୁ ସେମାନେ ବିରକ୍ତ ହୋଇ ଫେରିଥିଲେ। ବୈଠକ ବାହାରେ ଦୁଇପକ୍ଷ ହୋହାଲ୍ଲା କରିବାରୁ ହଲ ପ୍ରକମ୍ପିତ ହୋଇଥିଲା। ବ୍ରହ୍ମପୁର, ପୋଲସରା, ପୁରୀ, କଟକ, ଭୁବନେଶ୍ୱର, ଡେଲାଙ୍ଗରୁ ଆସିଥିବା ସଭ୍ୟମାନେ ସଭା ବନ୍ଦ ପାଇଁ ଦାବି କରିଥିଲେ। ଗୋଟିଏ ସମିତି ପଞ୍ଜିକରଣ ନମ୍ବରରେ ଦୁଇଟି ପୃଥକ ପୃଥକ ବୈଠକ ହୋଇପାରିବ ନାହିଁ ବୋଲି ବିଧି ରହିଛି। ଯୋଗ ଦେଇଥିବା ମୂଳ ସଂଘର ସଦସ୍ୟ ମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ପ୍ରମୋଦ ମହାରଣା ଓ ଭାଗିରଥି ମହାରଣା, କୋଷାଧ୍ୟକ୍ଷ ଗୁରୁଚରଣ ସୂତାର, ଦିବାକର ମହାରଣା, ଗଙ୍ଗାଧର ମହାରଣା ଓ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ସୁଶାନ୍ତ ମହାରଣା, ଗଞ୍ଜାମ ଜିଲ୍ଲା ସଭାପତି ଧିରେନ ମହାରଣା ଓ କାର୍ଯ୍ୟକାରୀ ସଭାପତି ପ୍ରତାପ ମହାରଣା, ଉପଦେଷ୍ଟା ସନାତନ ମହାରଣା, ପୁରୀ ଜିଲ୍ଲା ଉପସଭାପତି ଦେବରାଜ ମହାରଣା, ସଂଗଠନ ସମ୍ପାଦକ ଧର୍ମେନ୍ଦ୍ର ମହାରଣା, ଡେଲାଙ୍ଗ ବ୍ଲକର ରବିନ୍ଦ୍ର ମହାପାତ୍ର ଓ ପ୍ରମୋଦ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ରାମକୃଷ୍ଣ ମୃଦାବାଦ ଧ୍ୱନିରେ ପ୍ରକମ୍ପିତ କରି ଅନୈତିକ ସଭାକୁ ପ୍ରତିବାଦ କରିଥିଲେ। ଏହି ଅନୈତିକ ସଂଘ ବିରୋଧରେ ମାମଲା କରାଯିବ ବୋଲି ଆଡଭୋକେଟ ଧିରେନ ମହାରଣା ସୂଚନା ଦେଇଥିଲେ।

# ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର, ୨୪/୩ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଆଜି ବିନିକା ପଂଚାୟତ ସମିତି ଅନ୍ତର୍ଗତ ବାଉଁଶୂଣି ଗ୍ରାମପଂଚାୟତ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ରାଜେନ୍ଦ୍ର ମାଝୀ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୧୩୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା । ୨୧ ଗୋଟି ଅଭିଯୋଗ ପତ୍ର ଅଭିଯୋଗ ଶୁଣାଣି ସମୟରେ ଫଇସଲା କରାଯାଇଥିଲା । ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳଙ୍କ ପ୍ରତିନିଧି, ଡେପୁଟି କଲେକ୍ଟର, ସିଦ୍ଧାର୍ଥ ଶେଖର ଦାଶ, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ଦୟାରାମ ମେହେର, ସରପଂଚ, ବାଉଁଶୂଣି, ଗ୍ରାମପଂଚାୟତ ଶ୍ରୀମତି ରୀନା ମହଲା, ପଂଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ଧାରୁଆ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

# ଶ୍ରୀରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର, ୨୪/୩ (ନି.ପ୍ର): ଚଳିତ ବର୍ଷ ଶ୍ରୀ ରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତରାଂଚଳ ରେଞ୍ଜ ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରିଙ୍କ ସମେତ ଶାନ୍ତି ଓ ସମନ୍ୱୟ କମିଟି ସଦସ୍ୟମାନେ, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ଏବଂ ସମ୍ବଲପୁର ଅଂଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ଅନୁଷ୍ଠାନର କମିଟି ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲ୍ଲାରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ଏବଂ ଶୋଭାଯାତ୍ରା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଶୋଭାଯାତ୍ରା ସମୟରେ ନିରବଛିନ୍ନ ବିଦ୍ୟୁତ ଯୋଗାଣପାଇଁ ଟିପିଡବ୍ଲୁଓଡିଏଲ୍ କୁ କୁହାଯାଇଛି। ସେହିପରି ଡ୍ରୋନ ଓ ସିସିଟିଭି ମାଧ୍ୟମରେ ସହରର ଉତେଜନା ପ୍ରବଣ ଓ ସମସ୍ତ ସ୍ଥାନକୁ ପୁଙ୍ଖାନୁପୁଙ୍ଖ ଭାବେ ନିରୀକ୍ଷଣ କରାଯିବ। ସହରର ବିଭିନ୍ନ ରାସ୍ତାରେ ଥିବା ଖାଲଖମାକୁ ଯୁଦ୍ଧ କାଳୀନ ଭିତିରେ ମରାମତି କରାଯିବାକୁ ମଧ୍ୟ କୁହାଯାଇଛି। ଆଇଜି ଶ୍ରୀ ଲାଲ ଗତବର୍ଷ ଠୁ ଚଳିତବର୍ଷ ଏହି ଉତ୍ସବ ଆହୁରି କିପରି ଆନନ୍ଦ ଉଲ୍ଲାସର ସହ ପାଳନ ହେବ ସେ ଦିଗରେ ପ୍ରଚେଷ୍ଟା କରିବାକୁ ସମସ୍ତ କମିଟି ସଦସ୍ୟଙ୍କୁ କହିଥିଲେ। ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିଜ ବକ୍ତବ୍ୟରେ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଂପୃକ୍ତ ଅଧିକାରୀମାନଙ୍କୁ ନିଜ ନିଜ ଦାୟୀତ୍ୱ ସଠିକ୍ ଭାବେ ପରିଚାଳନା କରିବାକୁ କହିଥିଲେ। ମୁଖ୍ୟତଃ ସେ, ପଦଯାତ୍ରା କିମ୍ବା ବାଇକ୍ ରାଲି ସମୟରେ ସମ୍ବଲପୁର ସହରରେ ଅଧିକ ଜନସମାଗମ ହେବାକୁ ଥିବା ଯୋଗୁଁ ପରିମଳ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରିବା ସହିତ ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରିବାକୁ କହିଥିଲେ। ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣକୁ କଡ଼ାକଡ଼ି ଲାଗୁ କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ। ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭାମୂ ଶାନ୍ତି ଶୃଙ୍ଖଳାର ସହ ଏହି ଉତ୍ସବ ପାଳନ କରିବାକୁ ପୋଲିସ ବିଭାଗ ପକ୍ଷରୁ ସବୁ ପ୍ରକାର ସହଯୋଗ ଦିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର, ୨୪/୩ (ନି.ପ୍ର): ଚୈତ୍ର ନବରାତ୍ରିର ଚତୁର୍ଥ ଦିନରେ ସମ୍ବଲପୁରର ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ପରିସରରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ଏକ ଆକର୍ଷଣୀୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷିତ ହୋଇଯାଇଛି। ଗୁରୁ ପ୍ରଫୁଲ୍ଲ ମିତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସମ୍ବଲପୁରର ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ସୁପ୍ରଭା ପାଢ଼ୀ, ଏମ୍. ଶାନ୍ତିସୁଧା ସହ ଆକାଶବାଣୀ ସ୍ୱୀକୃତ କଳାକାର ଦିଲୀପ ସୁନା, ରବୀନ୍ଦ୍ର ପଣ୍ଡା, ନିର୍ମଳ ଚାନ୍ଦ, ମାନସ ଷଡ଼ଙ୍ଗୀ, ଶୁଭକାନ୍ତ ପଟ୍ଟନାୟକ, ମଳୟ ଦାଶ, କଳ୍ପନା ପତି, କଲ୍ୟାଣୀ ରଥ, ଅର୍ପିତା ବେହେରା, ରଞ୍ଜିତ ଚନ୍ଦ୍ର, ବିଶ୍ୱଜିତ ନାଗ, ବେଦ ମତି, ଭୂମି ସୂତା ଓ ଲୋପାମୁଦ୍ରା ବାଗ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ "ଜୟ ମାତ ସମଲାଇ" ଭଜନ ସମବେତ କଣ୍ଠରେ ପରିବେଷିତ ହୋଇଥିଲା। ପରେ ସମ୍ବଲପୁରୀ, ଓଡ଼ିଆ ଓ ହିନ୍ଦୀ ଭାଷାର ବିଭିନ୍ନ ଭକ୍ତିମୟ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତର ମଧୁର ଧ୍ୱନିରେ ପରିବେଶ ଶାନ୍ତ, ଆଧାତ୍ମିକ ଓ ଭକ୍ତିମୟ ରହିଥିଲା। ମଂଚ ପରିଚାଳନା ଏମ୍.ଆର୍.କେ. ରାଓ କରିଥିଲେ। ବିଭିନ୍ନ ବାଦ୍ୟଯନ୍ତ୍ରରେ ଶିଳ୍ପୀମାନଙ୍କ ସହଯୋଗ ଉଲ୍ଲେଖନୀୟ ରହିଥିଲା। ହାର୍ମୋନିଅମ୍ରେ ପ୍ରଫୁଲ୍ଲ ମିତ୍ର, କିବୋର୍ଡରେ ଦେବାଶିଷ ପାଢ଼ୀ, ତବଲାରେ ସୁରେନ୍ଦ୍ରନାଥ ବାଗ, ଢୋଲରେ କୃଷ୍ଣ ଚନ୍ଦ୍ର ବାଗ, ନିଶାନରେ କ୍ଷିତିଶ ଚନ୍ଦ୍ର ବାଗ, ତାସାରେ ସୁମିତ ପ୍ରଧାନ, ଗିଟାରରେ ପ୍ରମିତ କୁମାର ମିତ୍ର ଏବଂ ପ୍ୟାଡ୍ରେ ଭାଗୀରଥୀ ସିଂହଦେଓ ନିଜନିଜ କଳାଦକ୍ଷତା ପ୍ରଦର୍ଶନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମଲେଇ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଉଦଘାଟନ କରିଥିଲେ ଏବଂ ତାଙ୍କ ସହିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା ଓ ଦେବ କୁମାର ଅଜମେରୀଆ ଉପସ୍ଥିତ ଥିଲେ।

# ଜଗା ଚାକର ସଂଘ ପକ୍ଷରୁ ସାଧାରଣ ବୈଠକ



ଭଦ୍ରକ , ୨୪/୩ (ନି.ପ୍ର): ରାଜ୍ୟର ଏକ ଅଗ୍ରଣୀ ସେବା ସଂଗଠନ ଜଗା ଚାକର ସଂଘ, ପୁରୀ ପକ୍ଷରୁ ସାଧାରଣ ବୈଠକ ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଘୋଷ ଯାତ୍ରା ନିମନ୍ତେ ସେବା ଉଦ୍ଦିଷ୍ଟ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ ,ଏଥିସହିତ ଆମ୍ବୁଲାନ୍ସ ସେବା, ମେଡିସିନ୍ ସେବା, ଷ୍ଟ୍ରେଚର ସେବା, ଆଶୁ ଚିକିତ୍ସା ସେବା, ପରିମଳ ସେବା, ବିଞ୍ଚଣା ସେବା, ଝାଡୁ ସେବା, ପାଣି ଶିଂଚନ ସେବା, ଛତା ସେବା, ସଂକୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ, ଖାଦ୍ୟ ବଂଟନ ସେବା ଆଦି ବିଭିନ୍ନ ସେବା ଉପରେ କର୍ମକର୍ତ୍ତା ମାନେ ମତ ଦେଇଥିଲେ, ଏହି ଅବସରରେ ମହୋତ୍ସବ ମଣିଷ ବରିଷ୍ଠ ସାମ୍ବାଦିକ ତଥା ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ର ଶୃଙ୍ଖଳା କମିଟି ଅଧକ୍ଷ,ରାଜ୍ୟ ନିର୍ବାଚନ ଅଧିକାରୀ ଓ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାର ଅତିଥି ଭାବେ ଯୋଗଦେଇ କହିଲେ ଜଗା ଚାକର ସଂଘ ସବୁବେଳେ ସମାଜ ସେବାକୁ ବ୍ରତ ଭାବେ ଗ୍ରହଣ କରି ସେବା କରୁଥିବାରୁ ସବୁଠି ପ୍ରଶଂସା ର ପାତ୍ର ହୋଇପାରିବା ସହିତ ରାଜ୍ୟରେ ଏକ ନଂ ସେବା ସଂଗଠନ ହୋଇପାରିଛି, ଏହି ଅବସରରେ ସଦାନନ୍ଦ ସାହୁ, ମୁଖ୍ୟ ଉପଦେଷ୍ଟା. ପ୍ରକାଶ ଚନ୍ଦ୍ର ସାହୁ, ସଭାପତି, ସନ୍ତୋଷ କୁମାର ମିଶ୍ର,ସମ୍ପାଦକ,ଧର୍ମାନନ୍ଦ ସାହୁ,ସହ ସଂପାଦକ ବସନ୍ତ କୁମାର ସାହୁ,ଇଭେଂଟ କୋଡିନେଟର, ବିଶ୍ୱନାଥ ପାତ୍ର, ପ୍ରିୟଦର୍ଶନୀ ନାୟକ, ଉପସଭାପତି, ପ୍ରସନ୍ନ କୁମାର ଚୌଧୁରୀ,ଅମୀତ କୁମାର ସାହୁ, ଆଲୋକ କୁମାର ଜେନା, ଜୟନ୍ତୀ ନାୟକ, କନକ ପ୍ରଭା ପରିଡା, ସଂଯୁକ୍ତା ସାହୁ,ରଞ୍ଜୁଲତା ସାହୁ,ମମତା ରାଉତ , ସଂଜୟ କୁମାର ଆଚାର୍ଯ୍ୟ, ସନାତନ ପରିଡା ପ୍ରମୁଖ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ମହୋତ୍ସବ ମଣିଷ ରବିନାରାୟଣ ଖିଲାରଙ୍କୁ ଜଗା ଚାକର ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା

# ନୀଳକଇଁ କ୍ରିଏସନ ପକ୍ଷରୁ ଗଜଲ ସନ୍ଧ୍ୟା ଓ 'ସପ୍ତମ ଋତୁର ଜହ୍ନ'ର ସିଡି ରିଲିଜ୍




ଭୁବନେଶ୍ୱର, ୨୪/୩ (ନି.ପ୍ର): ନୀଳକଇଁ କ୍ରିଏସନ ପକ୍ଷରୁ ଏକ ଭିନ୍ନ ସ୍ୱାଦର ଗଜଲ ସନ୍ଧ୍ୟା ଓ 'ସପ୍ତମ ଋତୁର ଜହ୍ନ'ର ସିଡି ଉନ୍ମୋଚନ ଉତ୍ସବ ଆଜି ସନ୍ଧ୍ୟାରେ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସୁପ୍ରସିଦ୍ଧ ଗୀତିକାର, ଲେଖକ ଲେଖିକାଙ୍କ ଦ୍ୱାରା ଲିଖିତ ଗୀତ ଓ ଗଜଲକୁ ଜଣାଶୁଣା କଣ୍ଠଶିଳ୍ପୀ ମାନେ ଶ୍ରୋତାଙ୍କ ନିକଟରେ ଖୁବ ସୁନ୍ଦର ଭାବରେ ପରସିଦେଇଥିଲେ । ସଂଗୀତ କାର୍ଯ୍ୟକ୍ରମ ପୂର୍ବରୁ ଆନୁଷ୍ଠାନିକ ଉନ୍ମୋଚନ ସଭାରେ ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ପ୍ରସିଦ୍ଧ ଗୀତିକାର ସଂଳାପକାର ଡ ରଜନୀ ରଞ୍ଜନ, ବିଶିଷ୍ଟ କବି ଲେଖକ ଶରତ କୁମାର ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ୧୭ ଟି ଗୀତକୁ ନେଇ ପ୍ରସ୍ତୁତ 'ସପ୍ତମ ଋତୁର ଜହ୍ନ'ର ସଂଗୀତ ସିଡି, ଗୀତ ଓ ଗଜଲର ଏକ ଅପୂର୍ବ ସମ୍ମିଶ୍ରଣ ଯାହା ଆଜିର ସଂଗୀତପ୍ରେମୀ ମାନଙ୍କୁ ଭଲ ଲାଗିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ନୀଳକଇଁର ସମ୍ପାଦିକା ସସ୍ମିତା ଦାସ କହିଥିଲେ କି, ନୀଳକଇଁ ଦୀର୍ଘ ଦିନ ହେବ ସାହିତ୍ୟ ସଂସ୍କୃତି ଏବଂ ସଂଗୀତ ଜଗତ ସହ ଜଡିତ ଅଛି । ସେଇ କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଗଜଲ ଶୈଳୀରେ ଲେଖା ଓଡ଼ିଆ ଗୀତ ସବୁ ଆପଣ ମାନକ ହୃଦୟକୁ ଛୁଇଁବ ବୋଲି ଆମେ ଆଶା କରୁଛୁ । ପରେ ପରେ ସସ୍ମିତା ଦାସ ଙ୍କ ଲିଖିତ ସପ୍ତମ କବିତା ପୁସ୍ତକ ' ସପ୍ତମ ଋତୁର ଜହ୍ନ ' ର ଲୋକାର୍ପଣ ହୋଇଥିଲା । ଏହି ସିଡ଼ି କ୍ୟାସେଟର ସଂଗୀତ ନିର୍ଦ୍ଦେଶନା ଯଜ୍ଞ ଦାଶ ଦେଇଥିବା ବେଳେ ବିଶିଷ୍ଟ ଲେଖିକା ଡ଼ ପ୍ରତିଭା ରାୟ, ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଡ଼ ରଜନୀ ରଞ୍ଜନ, ଶରତ କୁମାର ଦାଶ, ଅମରେନ୍ଦ୍ର ଖଟୁଆ, ଅଖିଳ କୁମାର ମିଶ୍ର, ଗୀତାଞ୍ଜଳୀ ପଣ୍ଡା, ସସ୍ମିତା ଦାସ, ପ୍ରମୋଦ ଦାସ ଏବଂ ବିପିନ୍ ମହାନ୍ତିଙ୍କ ଭଳି ଗୀତିକାର ମାନଙ୍କ ଲେଖା ସବୁ ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ସୋହିନୀ ମିଶ୍ର, କରୁଣାକର, ସ୍ୱରୂପ ନାୟକ, ମହାପ୍ରସାଦ କର ଛନ୍ଦା ମିଶ୍ର ଏବଂ କୁନି କଳାକାର ଫିଓନାଙ୍କ କଣ୍ଠରେ ଗୀତ ସବୁ ସୃତି ମଧୁର ହୋଇଛି ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ବିଶ୍ୱବନ ଦିବସ ତଥା ବିଶ୍ୱ ଜଳ ଦିବସ ପାଳିତ

ବୈଶିଙ୍ଗା , ୨୪/୩ (ନି.ପ୍ର): ବିଶ୍ୱବନ ଦିବସ ଅବସରରେ ରାଇକମା ଆଶ୍ରମ ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ଆନୁକୁଲ୍ୟରେ ରାଇକମା ଗ୍ରାମର ମଧଭାଗରେ ଥିବା ବଡ ପୋଖରୀ ହୁଡ଼ାରେ ଜାମୁକୋଳି ଚାରା ରୋପଣ କରାଯାଇଛି। ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସମୟରେ ଶିକ୍ଷିକା ସରସ୍ୱତୀ ଜେନା, ପ୍ରତିମା ପରିଡା, ଅନୁଚର ମଣ୍ଟୁ ମାର୍ଣ୍ଡି, ରାଇକମା ଗ୍ରାମର ବରିଷ୍ଠ ଶିକ୍ଷାବିତ୍ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ବାରିକ,ଉଦ୍ୟମୀ ଯୁବକ ମନୋରଞ୍ଜନ ମିଶ୍ର, ଅଶୋକ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ ।ସେହିପରି ବିଶ୍ୱ ଜଳ ଦିବସ ଅବସରରେ ବିଦ୍ୟାଳୟ ପରିସରରେ ଲେମ୍ବୁ ଚାରା ରୋପଣ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ପଶ୍ଚିମ ଏସିଆ ସଙ୍କଟ ଏକ...

ସେମାନଙ୍କ ମଧ୍ୟରେ ୭୦୦ ରୁ ଅଧିକ ଯୁବ ଡାକ୍ତରୀ ଛାତ୍ର ଅଛନ୍ତି । ପ୍ରତ୍ୟେକ ସାମଗ୍ରୀ ପରିବହନକାରୀ ଜାହାଜକୁ ଭାରତରେ ପହଞ୍ଚିବା ପାଇଁ ପ୍ରୟାସ କରାଯାଉଛି। ଇରାନ ସହିତ ଦୀର୍ଘକାଳୀନ ଯୁଦ୍ଧ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିପାରେ। ଭାରତ ଏହାର ପ୍ରସ୍ତୁତିକୁ ଆହୁରି ତ୍ୱରାନ୍ୱିତ କରୁଛି। ଯେକୌଣସି ସଙ୍କଟ ଆମର ସାହସ ଏବଂ ପ୍ରୟାସର ପରୀକ୍ଷା କରେ। ଦେଶ ଯେପରି ଏପରି ସଙ୍କଟର ଉତ୍ତମ ମୁକାବିଲା କରିପାରିବ ତାହା ନିଶ୍ଚିତ କରିବା ପାଇଁ, ଗତ ୧୧ ବର୍ଷ ମଧ୍ୟରେ ପଦକ୍ଷେପ ନିଆଯାଇଛି। ଶକ୍ତି ଆମଦାନିର ବିକେନ୍ଦ୍ରୀକରଣ ଏହି ପ୍ରୟାସର ଏକ ଅଂଶ। ପୂର୍ବରୁ ଭାରତ ୨୭ଟି ଦେଶରୁ ଶକ୍ତି ଆମଦାନି କରୁଥିଲା, ଆଜି ୪୧ଟି ଦେଶରୁ ଶକ୍ତି ଆମଦାନି କରୁଛି। ଆମର ତୈଳ କମ୍ପାନିଗୁଡ଼ିକ ସଙ୍କଟ ସମୟରେ ପ୍ରଚୁର ପରିମାଣରେ ପେଟ୍ରୋଲ ଏବଂ ଡିଜେଲ ସଂରକ୍ଷଣରେ ରଖିଛନ୍ତି । ସଙ୍କଟ ସମୟରେ ଗରିବ ଏବଂ ପ୍ରବାସୀ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏପରି ପରିସ୍ଥିତିରେ, ରାଜ୍ୟ ସରକାରମାନେ ଏହି ଲୋକମାନଙ୍କୁ ସହାୟତା ଯୋଗାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉଚିତ। ମହଜୁଦ ଏବଂ କଳାବଜାରୀ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସଙ୍କଟ ଯେତେ ବଡ଼ ହେଉନା କାହିଁକି, ଭାରତର ଦ୍ରୁତ ଅଭିବୃଦ୍ଧିକୁ ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ। ରାଜ୍ୟ ସରକାରମାନଙ୍କ ପାଖରେ ଏକ ବିରାଟ ସୁଯୋଗ ଅଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଅପରିବର୍ତ୍ତିତ ରହିଲା ...

ଓଇଆରସିଙ୍କ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ ରହିବା ନେଇ ଘୋଷଣା କରାଯିବା ସହ କେତେକ ନୂଆ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ସୂଚନା ଦିଆଯାଇଛି। ସ୍ମାର୍ଟମିଟର ଲଗାଇଥିବା ଗ୍ରାହକମାନଙ୍କ ପାଇଁ ଆସନ୍ତା ଜୁଲାଇ ୧ରୁ 'ଟାଇମ୍ ଅଫ ଡେ' ଶୁଳ୍କ(ଟିଓଡି) ଲାଗୁ ହେବ। ଗ୍ରାହକମାନେ ଯଦି ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ନିଜର ଭାରି ବୈଦ୍ୟୁତିକ ଉପକରଣ (ଯଥା: ୱାଶିଂ ମେସିନ୍, ଏସି କିମ୍ବା ପାଣି ମୋଟର) ଚଲାନ୍ତି, ତେବେ ସେମାନେ ଅପେକ୍ଷାକୃତ ୧୦ ପ୍ରତିଶତ କମ୍ ବିଲ୍ ପାଇବେ। ଏହା ଗ୍ରାହକଙ୍କ ମାସିକ ବିଦ୍ୟୁତ୍ ବିଲ୍ ହ୍ରାସରେ ସହାୟକ ହେବ। କିନ୍ତୁ ସନ୍ଧ୍ୟା ୬ଟାରୁ ରାତି ୧୨ଟା (ପିକ୍ ଆୱାର) ମଧ୍ୟରେ ଏହି ବିଦ୍ୟୁତ(ଉପକରଣ) ବ୍ୟବହାର କଲେ ସାଧାରଣ ଦରର ୧୦ ପ୍ରତିଶତ ଅଧିକ ଦେୟ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ସ୍ମାର୍ଟ ମିଟରକୁ ନେଇ ଗ୍ରାହକମାନେ ଅଧିକ ବିଲ୍ ଆସୁଥିବାର ଅଭିଯୋଗକୁ ଦୂର କରିବା ପାଇଁ ଆୟୋଗ ସ୍ମାର୍ଟମିଟରର ସ୍ୱତନ୍ତ୍ର 'ସଫ୍ଟୱେୟାର ଅଡିଟ୍' କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ ଚୋରି ଓ ଅପଚୟ ରୋକିବା ପାଇଁ ୫୦ ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ୧୧କେଭି ଫିଡରଗୁଡ଼ିକରେ ସମ୍ପୂର୍ଣ୍ଣ ସ୍ମାର୍ଟ ମିଟରିଂ କରିବାକୁ ଆୟୋଗ ନିଷ୍ପତ୍ତି ହୋଇଛି। ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ସଂଯୋଗ ସ୍ଥାୟୀ ଭାବେ କଟିଯାଇଛି ସେମାନେ ନିଜର ପୁରୁଣା ସିକ୍ୟୁରିଟି ଡିପୋଜିଟ୍ ଟଙ୍କା ଫେରସ୍ତ ପାଇବା ନିମନ୍ତେ ' ୱାନଟାଇମ୍ କ୍ଲେମ୍ ସ୍କିମ୍' ସୁବିଧା ନେଇପାରିବେ।

## ଧର୍ମ ପରିବର୍ତ୍ତନ କଲେ...

ଅଭିଯୋଗ କରିଥିଲେ ଯେ ଅକ୍କାଲା ରାମିରେଡ୍ଡୀ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ମାଡ଼ ମାରିଛନ୍ତି। ଏଥିସହ ତାଙ୍କୁ ଓ ତାଙ୍କ ପରିବାରକୁ ହତ୍ୟା ଧମକ ଦେବା ସହ ଜାତିଗତ ଆଧାରରେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଥିପାଇଁ ଆନନ୍ଦ ଏସ୍‌ସି/ଏସଟି ଆଇନ ଅଧୀନରେ ଗୋଟିଏ ମାମଲା କରିଥିଲେ। ତେବେ ଅଭିଯୁକ୍ତ ଯୁକ୍ତି ଦର୍ଶାଇଥିଲେ ଯେ ଆନନ୍ଦ ଖ୍ରୀଷ୍ଟ ଧର୍ମକୁ ପରିବର୍ତ୍ତନ ହେବା ସହ ସକ୍ରିୟ ଭାବେ ଏହି ଧର୍ମକୁ ଅନୁସରଣ କରୁଛନ୍ତି। ତେଣୁ ତାଙ୍କୁ ଏସ୍‌ସିମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ରହିଥିବା ସୁରକ୍ଷା ତାଙ୍କ କ୍ଷେତ୍ରରେ ଲାଗୁ ହୋଇ ପାରିବ ନାହିଁ। ତଦନ୍ତ ଓ ଚାର୍ଜଶିଟ ଦାଖଲ ହେବା ପରେ ଆନନ୍ଦ ଆନ୍ଧ୍ର ପ୍ରଦେଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତାଙ୍କ ବିରୋଧରେ ଥିବା ଚାର୍ଜକୁ ସେ ହଟାଇବା ପାଇଁ ଦାବି କରିଥିଲେ। ଜଷ୍ଟିସ ଏନ ହରିନାଥ ଏଫଆଇଆରକୁ ରଦ୍ଦ କରି କହିଥିଲେ ଯେ ଅଭିଯୋଗକାରୀ ଖ୍ରୀଷ୍ଟ ଧର୍ମକୁ ଗ୍ରହଣ କରି ଏସ୍‌ସି ମାନ୍ୟତା ହରାଇଛନ୍ତି। ତେଣୁ ସେ ଏସ୍‌ସି/ଏସ୍‌ଟି ଆଇନ ଅନୁସାରେ ସୁରକ୍ଷା ପାଇଁ ଯୋଗ୍ୟ ନୁହନ୍ତି। ସେ ଧର୍ମ ପରିବର୍ତ୍ତନ କରି ନେଇଥିବାରୁ ତାଙ୍କ ପାଖରେ ପୂର୍ବରୁ ଥିବା ଏସ୍‌ସି ପ୍ରମାଣପତ୍ରର ମଧ କୌଣସି ମୂଲ୍ୟ ନାହିଁ ବୋଲି ହାଇକୋର୍ଟ ରୁଲିଂ ଦେଇଥିଲେ। ଏହା ବିରୋଧରେ ଆନନ୍ଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ସୁପ୍ରିମକୋର୍ଟ ମଧ ଏହାକୁ କାଏମ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, "ଏହି ମାମଲାରେ ଆବେଦନକାରୀ ଦାବି କରି ନାହାନ୍ତି ଯେ ସେ ଖ୍ରୀଷ୍ଟଧର୍ମରୁ ତାଙ୍କ ମୂଳ ଧର୍ମକୁ ପୁନଃ ଧର୍ମାନ୍ତରଣ କରିଛନ୍ତି କିମ୍ବା ମଦିକା ସଂପ୍ରଦାୟରେ ପୁନଃ ସ୍ୱୀକୃତି ପାଇଛନ୍ତି। ଆବେଦନକାରୀ ଖ୍ରୀଷ୍ଟଧର୍ମର ଅନୁସରଣ କରୁଛନ୍ତି ଓ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ଧରି ପାଦ୍ରୀ ବା ପାଷ୍ଟର ଭାବରେ କାର୍ଯ୍ୟ କରୁଛନ୍ତି।

# ଶ୍ରୀରାମ ନବମୀ ଉପଲକ୍ଷେ ଜଳେଶ୍ୱର ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ



ଜଳେଶ୍ୱର, ୨୪/୩ (ନି.ପ୍ର): ଆସନ୍ତା ୨୭ ତାରିଖ ଦିନ ତିନିଟା ସମୟରେ ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବା ଅବସରରେ ଜଳେଶ୍ୱର ଥାନା ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ମଙ୍ଗଳବାର ସନ୍ଧ୍ୟା ୬ ଘଟିକା ସମୟରେ ଏସଡିପିଓ ଅଫିସ ପରିସରରେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ସାଧାରଣତଃ ଗଣ୍ଡଗୋଳ କିମ୍ବା ଅପ୍ରିତକର ପରିସ୍ଥିତି କେମିତି ନ ଉପୁଜେ ସେଥିପାଇଁ ଏହି ଶାନ୍ତି କମିଟିର ମୂଳ ଲକ୍ଷ୍ୟ ଅଟେ ।ଉକ୍ତ ଉତ୍ସବ ରେ ସମସ୍ତେ ସାମିଲ ହୋଇ ଭାଇଚାରା ସୃଷ୍ଟି କରିବା ଉପରେ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ରଖିଥିଲେ ।ଉକ୍ତ ଶାନ୍ତି କମିଟି ବୈଠକରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଆଇଆଇସି ଅଶୋକ କୁମାର ବାରିକ,ଦମକଳ ବାହିନୀର ଓଆଇସି ସରବଣ ସିଂ,ପଞ୍ଚାୟତ ସମିତି ଅଧକ୍ଷ ମାନସ କୁମାର ଜେନା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜସେବୀ କମଳ ଚକ୍ରବର୍ତ୍ତୀ, ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତି, ଉତ୍ତର ବାଲେଶ୍ୱର ବିଜେପି ଯୁବ ମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ, ଓକିଲ ସଂଘର ସଭାପତି କୁଞ୍ଜ ବିହାରୀ ଦାସ,ବରିଷ୍ଠ ଆଇନଜିବି ସତ୍ୟସୁନ୍ଦର ଦାସ,ଶ୍ରୀକୃଷ୍ଣ ଗୁପ୍ତ,ଫରିଦ ଅହମ୍ମଦ,ବିଶିଷ୍ଟ ବ୍ୟବସାୟୀ ସେକ୍ ସିରାଜ,ସେକ ଅବଦୁଲ ରହିମ,ଅର୍ଚ୍ଚନା ଗିରି ,ଚନ୍ଦନ କର, କାଉନସିଲର ଗୋବିନ୍ଦ ସାହୁ, ସୁରଜ୍ କୁମାର ଚୌରାସିଆ, ମୀର ଆବାସ ଅଲ୍ଲୀ, ଯୁବ ନେତା ରାଜକୁମାର ପରିଡ଼ା, ପବନ କୁମାର ସାହୁ,ହାସିରୁଦିନ ବକ୍ସ ପ୍ରମୁଖ ଉପସ୍ଥିତ ରହି ଏହି ରାମ ନବମୀ ର ଶୋଭାଯାତ୍ରା କେମିତି ଶାନ୍ତି ଶୃଙ୍ଖଳା ସହିତ ହୋଇ ପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଜଳେଶ୍ୱର ଥାନାର ସବ ଇନ୍ସପେକ୍ଟର ଚିରଞ୍ଜିବି ରାଉତ, ବନିତା ନାୟକ ଙ୍କ ସହ ସମସ୍ତ ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ ।ଏହି ଶୋଭାଯାତ୍ରା ହିରୋ ସୋ ରୁମ ଠାରୁ ବାହାରି ରାତି ୧୦ ଟା ସମୟରେ ବାସନ୍ତୀ ପଢ଼ିଆ ମଙ୍ଗଳା ମନ୍ଦିର ନିକଟରେ ପହଞ୍ଚି ଶୋଭାଯାତ୍ରା ଉଦଯାପନ ହେବ। ଏହି ସବୁ କାର୍ଯ୍ୟକ୍ରମ ପାଇଁ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଆଇଆଇସି ଅଶୋକ କୁମାର ବାରିକ ସୂଚନା ଦେଇଥିଲ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ: ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ସମ୍ମେଳନ କକ୍ଷରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥାଏ। ଏହି ବର୍ଷର ବିଷୟବସ୍ତୁ ହେଉଛି — "Yes! We Can End TB – Led by Bharat, Powered by Janbhagidari"। ଏହି ଅବସରରେ ଏକ ସଚେତନତା ମୂଳକ ସଭା ସହିତ ଆଲୋଚନା, ଡିବେଟ୍ ଓ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସିଏଚସି ଧାମନଗର ଓ ସିଏଚସି ବରପଦାର MPHW (ପୁରୁଷ) କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି, ତାହାର ନିରାକରଣ ଓ ସମାଜର ସମ୍ମିଳିତ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଡାକ୍ତରମାନେ ଯୋଗଦେଇ "ଟିବି ମୁକ୍ତ ଭାରତ" ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ସେମାନେ ଯକ୍ଷ୍ମା ରୋଗର ପରୀକ୍ଷା ଓ ଚିକିତ୍ସା ସରକାରୀ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ଥିବା, ଦୀର୍ଘ ସମୟ ଧରି କାଶ ହେବା ଯକ୍ଷ୍ମାର ମୁଖ୍ୟ ଲକ୍ଷଣ ହେବା ସହିତ ଏହି ରୋଗ ବାୟୁ ମାଧ୍ୟମରେ ପ୍ରସାରିତ ହେବା ଓ ନିୟମିତ ଔଷଧ ସେବନ ଦ୍ୱାରା ଯକ୍ଷ୍ମାକୁ ସଂପୂର୍ଣ୍ଣ ଭାବେ ନିରାମୟ କରାଯାଇପାରିବ ବୋଲି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ବିଶେଷଜ୍ଞ ଡାକ୍ତର ସନ୍ତୋଷ ପୃଷ୍ଟି, ବରିଷ୍ଠ ଡାକ୍ତର ସୁଧି ରଞ୍ଜନ ନାୟକ, ଡାକ୍ତର ମିନତି ଲତା ଦାସ, ଡାକ୍ତର ପାର୍ଥ ସାରଥୀ ମିଶ୍ର, ଡାକ୍ତର ଜୟନ୍ତ ପଣ୍ଡା, ଡ. ଲଳିତା ସୋରେନ ,ଡିପିଏମ ବନବିହାରୀ ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ ସମ୍ପ୍ରସାରଣ ଅଧିକାରୀ ଅନିତା ରାଣୀ ରାଉତ ଓ ବିଭାଗୀୟ ସଂଯୋଜକ ନିବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାରେ ବର୍ତ୍ତମାନ ୫୭୭ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଥିବା ବୋଲି ସିଡିଏମଓ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ସୂଚନା ଦେଇଥିଲେ।

# ମେରା ଯୁବା ଭାରତ ଦ୍ୱାରା ଜିଲ୍ଲାସ୍ତରୀୟ ସହୀଦ ଦିବସ ପାଳିତ




ବଡ଼ସାହି , ୨୪/୩ (ନି.ପ୍ର): ବଡ଼ସାହି ବ୍ଲକ୍ ଶାଳଗାଁ ମେରା ଯୁବା ଭାରତ ( ମାଇଁ ଭାରତ ) ଓ ଫୋର୍ଡ ନଖରା ମିଳିତ ଆନୁକୂଲ୍ୟରେ ସହୀଦ ଦିବସ ପାଳିତ ହୋଇଅଛି । ଏଥି ନିମନ୍ତେ ସଫେଇ କାର୍ଯ୍ୟକ୍ରମ ସହିତ ଜୟ ରାଜଗୁରୁ , ଭଗତ୍ ସିଂ ଓ ସୁକ ଦେବଙ୍କର ପ୍ଲାକାର୍ଡ ଧରି ପଦ ଯାତ୍ରା କରାଯାଇ ଅଛି । ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ ମୁଖ୍ୟ ଅତିଥି ସନ୍ତୋଷ କୁମାର ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ , ମୁଖ୍ୟ ବକ୍ତା ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଉଚ୍ଚ ବିଦ୍ୟାଳୟ, ସମ୍ମାନୀତ ଅତିଥି ଭାବରେ ଚିତ୍ତରଞ୍ଜନ ପୁହାଣ ବିଜ୍ଞାନ ଶିକ୍ଷକ , କାଳୀଚରଣ ସିଂ ପୂର୍ବତନ ସରପଞ୍ଚ ଓ ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ଯୋଗ ଦେଇଥିଲେ । ଦେଶ ପାଇଁ କାମ କରି ଅନେକ ମହାପୁରୁଷ ମାନେ ସହୀଦ ହୋଇଯାଇଥିଲେ ସେଥି ମଧ୍ୟରୁ ଜୟ ରାଜଗୁରୁ , ଭଗତ୍ ସିଂ ଓ ସୁକ ଦେବଙ୍କର ଇଂରେଜ ବିରୁଦ୍ଧରେ ସାହସିକତାର କାର୍ଯ୍ୟାବଳୀ ପାଇଁ ସହୀଦ ହୋଇଯାଇଥିଲେ । ବୀର ମହାପୁରୁଷଙ୍କର କାର୍ଯ୍ୟାବଳୀ ଆଲୋଚନା କଲେ ଯୁବ ପିଢୀ ସମାଜ ପାଇଁ ପ୍ରେରଣା ଦାୟୀ ହୋଇ ପାରିବେ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ ,ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ଯୁବକ ଯୁବତୀ ତଥା ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ସର୍ବଶେଷରେ ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କିଶୋରୀ ବାଳିକାଙ୍କ ଆନ୍ତଃଜିଲ୍ଲା ପରିଦର୍ଶନ କାର୍ଯ୍ୟକ୍ରମ

ବାରିପଦା, ୨୪/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଦ୍ୱାରା ଆଜି କିଶୋରୀମାନଙ୍କ ପାଇଁ ଆନ୍ତଃଜିଲ୍ଲା ଏକ୍ସପୋଜର ପରିଦର୍ଶନ ଅନୁଷ୍ଠିତ ହୋଇଛି । ଏହା ଅତ୍ୟନ୍ତ ଉତ୍ସାହ ଏବଂ ଦଳଗତ ଭାବନା ସହିତ ସଫଳତାର ସହ ଆୟୋଜିତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି ପରିଦର୍ଶନର ଏକ ଅଂଶ ଭାବରେ କିଶୋରୀମାନଙ୍କୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ନିଆଯାଇଥିଲା । ଏଥିରେ ଡାକଘର ବାରିପଦା, ବାରିପଦା ଟାଉନ ଥାନା , ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାରିପଦା ରେଳ ଷ୍ଟେସନ, ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ବାରିପଦା ଏବଂ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ମୟୂରଭଞ୍ଜ ସମେତ ବିଭିନ୍ନ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦ ଜଣ କିଶୋରୀ ବାଳିକା ସାମିଲ ହୋଇ ଜ୍ଞାନ ଆରୋହଣ କରିଥିଲେ ।

# ମହାନ କ୍ରାନ୍ତିକାରୀ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ବଳିଦାନ ଦିବସ ପାଳିତ




ଭଦ୍ରକ , ୨୪/୩ (ନି.ପ୍ର):ମହାନ କ୍ରାନ୍ତିକାରୀ ଶହୀଦ ଭଗତ ସିଂ,ସୁଖଦେ୍ୱ ଓ ରାଜଗୁରୁ ଙ୍କ ବଳିଦାନ ଦିବସ ରେ ଆଜି ଶହୀଦ ଭଗତ ସେନା ପକ୍ଷରୁ ୯୫ ତମ ବଳିଦାନ ଦିବସ ଚରମ୍ପା ସ୍ଥିତ ଆଗ୍ରେସନ୍ ଭବନ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ଖଣି ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉପସ୍ଥିତ ରହି ଥିବା ବେଳେ ଏହି ଉପଲକ୍ଷେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି, ଏବଂ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଏଥିରେ ଭଦ୍ରକ ବିଧାୟକ ଙ୍କ ସମେତ ଭଗତ ସେନା ସଦସ୍ୟ ଓ ବହୁ ସଂଖ୍ୟାରେ ଯୁବକ, ଯୁବତୀ ଓ ମହିଳାମାନେ ରକ୍ତ ଦାନ କରିଥିଲେ।

# ନୀଳଗିରିରେ ଝାଡଖଣ୍ଡି ହାତୀ ଉତ୍ପାତ: ଭୟଭୀତ ଅଞ୍ଚଳବାସୀ

ନୀଳଗିରି , ୨୪/୩ (ନି.ପ୍ର): ଗତ ଦୁଇଦିନଧରି ଦୁଇଟି ଝାଡଖଣ୍ଡି ହାତୀ ନୀଳଗିରି ଅଞ୍ଚଳକୁ ପଶିଆସିଥିବାରୁ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଦୀର୍ଘ ୧୫ବର୍ଷଧରି ଝାଡଖଣ୍ଡ ଦଲମା ଅଭୟାରଣ୍ୟରୁ ବିରାଟ ହାତୀପଲ ନୀଳଗିରି ଅଞ୍ଚଳକୁ ଆସୁଥିବା ବେଳେ ଚଳିତବର୍ଷ ଅଦିନରେ ଦୁଇଟିଦନ୍ତା ଗତ ରବିବାର ମୟୂରଭଞ୍ଜ ସୀମାନ୍ତ ପାରହୋଇ ପୁନ୍ଦାଳ, କାଂଶ , କାଠଗୋଛି,ଧୋବଶିଳା ହୋଇ ନୀଳଗିରି ସହର ରାଡାର ପାଖରେ ପହଞ୍ଚି ଉପଦ୍ରବ କରୁଥିବା ଦେଖାଯାଇଥିଲା। ନୀଳଗିରି ବନବିଭାଗ ହାତୀଉପରେ ତୀକ୍ଷ୍ଣଦୃଷ୍ଟି ରଖିଥିବାବେଳେ ନିକଟବର୍ତ୍ତୀ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିଥିଲେ ଏଥିସହ ବିଦ୍ୟୁତକାଟ କରାଯାଇଥିଲା ।ତେବେ ରାତିରେ ହାତୀଦୁଇଟି ନୀଳଗିରି ଗୁଣ୍ଡିଚାମନ୍ଦିର ପାରହୋଇ ଗାଙ୍ଗପୁରା, ଝୁରେଇବଣୀ, ଦକ୍ଷିଣ ନରସିଂହପୁର ଗ୍ରାମରେ ପଶି ଉପଦ୍ରବ କରୁଥିବା ବେଳେ ସ୍ଥାନୀୟବାସିନ୍ଦା ହାତୀକୁ ଘଉଡାଉଥିବା ବେଳେ ଦନ୍ତାହାତୀ ଦୁଇଟି ଲୋକମାନଙ୍କୁ ପାଲଟା ଆକ୍ରମଣ କରୁଥିବା ଦେଖାଯାଇଛି। ଖବର ପ୍ରସାରଣ ପାଇଁ ଯାଇଥିବା ନିଉଜ - ୭ଏବଂ ପ୍ରମେୟ ନୀଳଗିରି ପ୍ରତିନିଧି ବ୍ରଜକିଶୋର ପାଣି ଅଳ୍ପକେ ହାତୀ ଆକ୍ରମଣରୁ ବର୍ତ୍ତିଯାଇଥିବା ଜାଣିବାକୁ ମିଳିଛି। ଖବର ଲେଖାହେବା ବେଳକୁ ପ୍ରତାପଢ଼ା, ଜୟପୁର, ଜିରିତାଳ ହୋଇ ଖୁମକୁଟ ନିକଟରେ ଥିବା ଜଣାଯାଇଛି। ଉଭୟ ହାତୀ ଓ ଜନସାଧାରଣଙ୍କ ଜୀବନପ୍ରତି ବିପଦ ଥିବାରୁ ତୁରନ୍ତ ହାତୀଗୁଡ଼ିକୁ ଘଉଡାଇବାକୁ ବନବିଭାଗ ଯତ୍ନବାନ ହେବାକୁ ସାଧାରଣରେ ଦାବୀହୋଇଛି।

୨୫ ମାର୍ଚ୍ଚ ୨୦୨୬, ବୁଧବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଖଡିଛୁଆଁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନର ଶୁଭାରମ୍ଭ କଲେ ଜିଲ୍ଲାପାଳ

ବାଲିଆପାଳ , ୨୪/୩ (ନି.ପ୍ର): ଚଳିତ ନୂତନ ଶିକ୍ଷାବର୍ଷ ପାଇଁ ଏପ୍ରିଲ ୨ ତାରିଖରୁ ରାଜ୍ୟର ସମସ୍ତ ବିଧାଳୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ନୂତନ ଭାବେ ବିଦ୍ୟାଳୟର ନାମ ଲେଖାଇବାକୁ ଥିବା ଛାତ୍ର ଛାତ୍ରୀଙ୍କ ଘରକୁ ଘର ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିର୍ଦ୍ଦେଶ ରହିଛି। ଆଜି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ବିକାଶ ବାଲିଆପାଳ ବ୍ଲକ ଆଠବାଟିଆ ଗ୍ରାମରେ ବିଭିନ୍ନ ଘରକୁ ଯାଇ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ଛାତ୍ର ଛାତ୍ରୀଙ୍କୁ ମିଠା ଖୁଆଇ,ଫୁଲ ଦେବା ସହ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିମନ୍ତଣପତ୍ର ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶୀବ ମାଲବ୍ୟ, ଜିଲ୍ଲା ଶିକ୍ଷାଅଧିକାରୀ ବସନ୍ତ ନାୟକ, ଗୋଷ୍ଠିଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏବିଇଓ ନମିତା ପ୍ରଭା ସାମଲ,ସିଆରସିସି ଯଶୋବନ୍ତ ନାୟକ ,ଅଶୋକ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।



## କଥିତ ଇଂରାଜୀ ଓ ଜୀବନ ବୃତ୍ତାନ୍ତ ଲିଖନ କର୍ମଶାଳା ଅନୁଷ୍ଠିତ

ଉଦଳା, ୨୪/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି କନିଷ୍ଠ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସ୍ୱେଚ୍ଛାସେବି ମାନଙ୍କ ପାଇଁ କଥିତ ଇଂରାଜୀ ଓ ଜୀବନ ବୃତାନ୍ତ ଲିଖନ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଏବଂ ଏନ୍.ଏସ୍.ଏସ୍. ବ୍ୟୁରୋ ଦ୍ୱାରା ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାର ଜଣାଯାଇଛି । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗିରିଜା ଶଙ୍କର ପାତ୍ର କର୍ମଶାଳା ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଇଂରାଜୀ ବିଭାଗର ଅଧାପକ ରବିନାରାୟଣ ମହାପାତ୍ର ସମ୍ବଳ ବ୍ୟକ୍ତି ଭାବରେ କଥିତ ଇଂରାଜୀ ଓ ଜୀବନ ବୃତାନ୍ତ ଲିଖନର ବିଭିନ୍ନ କୌଶଳ ମାନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହା ନିଜର ବ୍ୟକ୍ତିତ୍ୱର ବିକାଶ କରିବାରେ କିପରି ସହାୟକ ହେବ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ସ୍ୱେଚ୍ଛାସେବି ସସ୍ମିତା ହେମ୍ବ୍ରମ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଜୀବନର ଚଲାପଥରେ ଏହି ତାଲିମ ବହୁ ଦରକାରରେ ଆସିବ ବୋଲି ଅଂଶ ଗ୍ରହଣ କରିଥିବା ସ୍ୱେଚ୍ଛାସେବି ମାନେ କହିଛନ୍ତି ।




## ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ , ୨୪/୩ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ସମ୍ମେଳନ କକ୍ଷରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥାଏ। ଏହି ବର୍ଷର ବିଷୟବସ୍ତୁ ହେଉଛି ସଚେତନତା ମୂଳକ ସଭା ସହିତ ଆଲୋଚନା, ଡିବେଟ୍ ଓ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସିଏଚସି ଧାମନଗର ଓ ସିଏଚସି ବରପଦାର ଗଚଏଡ (ପୁରୁଷ) କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି, ତାହାର ନିରାକରଣ ଓ ସମାଜର ସମ୍ମିଳିତ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଥିଲା।ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଡାକ୍ତରମାନେ ଯୋଗଦେଇ "ଟିବି ମୁକ୍ତ ଭାରତ" ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ସେମାନେ ଯକ୍ଷ୍ମା ରୋଗର ପରୀକ୍ଷା ଓ ଚିକିତ୍ସା ସରକାରୀ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ଥିବା, ଦୀର୍ଘ ସମୟ ଧରି କାଶ ହେବା ଯକ୍ଷ୍ମାର ମୁଖ୍ୟ ଲକ୍ଷଣ ହେବା ସହିତ ଏହି ରୋଗ ବାୟୁ ମାଧ୍ୟମରେ ପ୍ରସାରିତ ହେବା ଓ ନିୟମିତ ଔଷଧ ସେବନ ଦ୍ୱାରା ଯକ୍ଷ୍ମାକୁ ସଂପୂର୍ଣ୍ଣ ଭାବେ ନିରାମୟ କରାଯାଇପାରିବ ବୋଲି ସଚେତନ କରିଏହି ଅବସରରେ ଜିଲ୍ଲାରେ ବର୍ତ୍ତମାନ ୫୭୭ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଥିବା ବୋଲି ସିଡିଏମଓ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ସୂଚନା ଦେଇଥିଲେ।



## ଜଳ ଛତ୍ର ସେବା ଆରମ୍ଭ

ଖୋର୍ଦ୍ଧା, ୨୪/୩ (ନି.ପ୍ର): ଚଳିତ ବର୍ଷ ଗ୍ରୀଷ୍ମ ମାସ ନ ହେଉଣୁ ଜଳ ସଙ୍କଟ ଆରମ୍ଭ ହେଲାଣି। ଜିଲ୍ଲା ପ୍ରଶାସନ ତରଫ ରୁ ରୌଦ୍ର୍ୟ ତାପ ମୁକାବିଲା ଲାଗି ବିଭିନ୍ନ ସ୍ତର ରେ ନିର୍ଦ୍ଦେଶ ନାମା ଜାରି କରାଯାଇଛି। ଏହି ରୌଦ୍ର ତାପ ରେ ଖୋର୍ଦ୍ଧା ସହର ରେ ଜିଲ୍ଲା ମୋଟର୍ସ ଚାଳକ ସଂଘ ପକ୍ଷ ରୁ ସମବାୟ ଛକ ଠାରେ ଏକ ଜଳ ଛତ୍ର ସେବା ଆରମ୍ଭ କରାଯାଇଛି। ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶୌର୍ଯ୍ୟ ରଂଜନ ମହାନ୍ତି, କାଉନସିଲର ଅଜିତ୍ ମହାପାତ୍ର ପ୍ରମୁଖ ଯୋଗ ଦେଇ ଏହି ସେବା କୁ ଉଦ୍ଘାଟନ କରିଥିଲେ। ରାସ୍ତା ରେ ଯାଉଥିବା ଯାତ୍ରୀ ମାନଙ୍କୁ ଦହି ପଣା ସହ ପାନୀୟ ଜଳ ବଣ୍ଟନ କରିଥିଲେ। ମୋଟର୍ସ ଚାଳକ ସଂଘ ର ସଭାପତି ପଙ୍କଜ ଲୋଚନ ବେହେରା, ସମ୍ପାଦକ ସୂର୍ଯ୍ୟ ନାରାୟଣ ସେନାପତି, କ୍ଷୀରୋଦ କୁମାର ସାହୁ, ହେମନ୍ତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିର କୁ ପୌର ପରିଷଦ ପକ୍ଷ ରୁ ସହଯୋଗ ପ୍ରଦାନ କରାଯିବ ବୋଲି ପୌରାଧକ୍ଷା ପ୍ରତିଶ୍ରୁତି ଦେଇ ଥିଲେ।

## ସୁଭଦ୍ରା ଟଙ୍କା ପାଇବାରୁ ବଂଚି ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪/୩ (ନି.ପ୍ର): ସୁଭଦ୍ରା ଚତୁର୍ଥ କିସ୍ତିର ଟଙ୍କା ଯେଉଁ ମା ମାନେ କୌଣସି କାରଣରୁ ବଞ୍ଚିତ ହୋଇଛନ୍ତି ବା ପାଇନାହାନ୍ତି ସେମାନଙ୍କ ତାଲିକା ବିଭାଗୀୟ ସଚିବ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନୁଧ୍ୟାନ କରି ରିପୋର୍ଟ ଆସିବା ପରେ କେଉଁ କାରଣ ପାଇଁ ବାଦ ପଡିଛନ୍ତି ଜଣା ପଡ଼ିବାପରେ ସେମାନେ ପାଇବାର ଥିଲେ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ।

## 'ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ଅଭିଯାନର ବ୍ରାଣ୍ଡ୍ ଏମ୍ବାସାଡର୍ ହେଲେ ସ୍ୱରାଜ ବାରିକ

ବାରିପଦା , ୨୪/୩ (ନି.ପ୍ର): ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱପଟରେ ପ୍ରତିଷ୍ଠା କରିବା ପାଇଁ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା ଦ୍ୱାରା 'ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ନାମକ ଅଭିଯାନ ଗତ ୨୦୨୫ ଜୁନ ୧୫ ତାରିଖ ଆରମ୍ଭ କରାଯାଇଥିଲା । ଏହି ଅଭିଯାନର ବ୍ରାଣ୍ଡ୍ ଏମ୍ବାସାଡର୍ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ସ୍ୱରାଜ ବାରିକଙ୍କୁ ମନୋନୀତ କରାଯାଇଛି ଓ ଆଜି ଅମ୍ବିକାସାହି ସ୍ଥିତ ପ୍ରତିଷ୍ଠାନର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବ୍ରାଣ୍ଡ୍ ଏମ୍ବାସାଡର୍ ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏହାର ସଫଳତା କାମନା କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାନର କୋଷାଧ୍ୟକ୍ଷ ସରୋଜ କୁମାର ଶତପଥି ଧନ୍ୟବାଦ୍ ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଣବ ଦେବ, ହେମନ୍ତ କୁମାର ନାୟକ, ବିଭୁତିଭୂଷଣ ଦାସ ଓ ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ରହି ଛଉ ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ନିଜନିଜର ସୁଚିନ୍ତିତ ମତ ଦେଇଥିଲେ ଓ ଏହି ଅଭିଯାନ ଛଉ ନୃତ୍ୟକୁ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଚାର କରି ଯୁବପିଢ଼ିକୁ ଆକର୍ଷିତ କରିବ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟଶାଳା, ଆନ୍ତର୍ଜାତୀୟ ପ୍ରଦର୍ଶନୀ ଓ ସାମାଜିକ ମିଡିଆ କ୍ୟାମ୍ପେନ୍ ଯୋଜନାରେ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଥିଲେ ଓ ଏହି ଅବସରରେ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ସାହିତ୍ୟଘର ପକ୍ଷରୁ ପଖାଳ ଦିବସ ଓ କବିତା ଆସର

ବାଲିଆପାଳ , ୨୪/୩ (ନି.ପ୍ର): ବାଲିଆପାଳ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ପଖାଳଦିବସ ପାଳନ ଅବସରରେ ଏକ କବିତାଆସର ଅନୁଷ୍ଠିତ ହୋଇଯାଇଛି । ଖଗଡାପାଳ ସ୍ଥିତ ବିଣାପାଣି ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟଘରର ସ୍ଥାୟୀ ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଭଗବାନ ପାତ୍ର ମୁଖ୍ୟବକ୍ତା ଭାବରେ ଜଗାଇ କଲେଜର ଓଡିଆବିଭାଗର ବରିଷ୍ଟ ଅଧ୍ୟାପକ ଦୟାନିଧର ସାହୁ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା,ମନୋଜ କୁମାର ସାମଲ , ଅବସରପ୍ରାପ୍ତ ସେନାଅଧରକାରୀ କମଳ ଲୋଚନ ପିଳା ପ୍ରମୁଖ ଯୋଗଦେଇ ପଖାଳଦିବସର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସାହିତ୍ୟଘରର ସଂଯୋଜକ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ସମ୍ପାଦକ ନଳିନୀକାନ୍ତ ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ବେଦପାଠ କରିଥିବା ବେଳେ ସଙ୍ଗୀତକାର ରମାନାଥ କର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସ୍ହି ଅବସରରେ ଡ. କୃଷ୍ଣାକୁମାରୀ ନାୟକ ଏବଂ ସ୍ନେହଲତା ନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ବିଜୟ କୁମାର ପାତ୍ର, ବିଦ୍ୟୁତପ୍ରଭା ସାମଲ, ଲୀନାରାଣି ପିଳା,ସଞ୍ଜୁଲତା ଦାସ, ଅର୍ପୀତା ଦାସ, ରଞ୍ଜିତା ବେହେରା, ଶାନ୍ତିଲତା ପ୬ଧାନ, କବିତା ଗିରି, ଶଚୀନ୍ଦ୍ର ନ୍ଦୀ, ମିତାରାଣି ପାଣିଗ୍ରାହୀ, ମୁରଳି ମୋହନ ଗଙ୍ଗାଇ, ରଶ୍ମିତା ସୀ ,ବୀଣାପାଣି ସାହୁ, ବ୍ରହ୍ମ ପ୍ରକାଶ ନାଥ, ପ୍ରିୟବ୍ରତ ଜେନା, ମନୋରଞ୍ଜନ ପ୍ରଧାନ ସରୋଜ ପାତ୍ର, ଜନ୍ମେଜୟ ସାମଲ, ଉମାକାନ୍ତ ନାୟକ,ସାଗର ପଟ୍ଟନାୟକ, ପ୍ରିୟାଂଶୀ ସାହୁ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ ।ପ୍ରିୟଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ନିର୍ବାଚନ ଆୟୋଗ ଅନ୍ତରାଜୀୟ ସୀମା ବୈଠକ କଲେ ଆୟୋଜିତ

ନୂଆଦିଲ୍ଲୀ, ୨୪/୩ : ଭାରତ ନିର୍ବାଚନ ଆୟୋଗ(ଇସିଆଇ) ଆଗାମୀ ବିଧାନସଭା ନିର୍ବାଚ ଏବଂ ଉପ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେବା ଆରମ୍ଭ କରିଦେଇଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ(ସିଇସି) ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ସ୍ଥିତ ମୁଖ୍ୟାଳୟରେ ମଙ୍ଗଳବାର ଦିନ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆୟୋଜିତ କରାଯାଇଛି, ଯେଉଁଥିରେ ଅନ୍ତର୍ରାଜୀୟ ସୀମା ସୁରକ୍ଷା ଏବଂ ନିର୍ବାଚନ ଶୁଚିତା ଉପରେ ବିଶେଷ ବଳ ଦିଆଯାଇଥିଲା। ବୈଠକରେ ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ ଆୟୁକ୍ତ ଡା. ଏସ୍.ଏସ୍. ସଂଧୁ ଏବଂ ଡା. ବିବେକ ଯୋଶୀ ମଧ୍ୟ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ବାଲେଶ୍ୱର, ୨୪/୩ (ନି.ପ୍ର): ଆଜି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ବିଶାଳ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏହି ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଅମୂଲ୍ୟ କୁମାର ଦାସ ଉଦ୍ଘାଟନ କରିଥିଲେ । ଏହି ପଦଯାତ୍ରାରେ ଏ.ଏନ.ଏମ. ଟ୍ରେନିଙ୍ଗ ସେଣ୍ଟରର ଛାତ୍ରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ବ୍ଲକରୁ ଆସିଥିବା ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲାରେ ୨୦୨୪ ମସିହାରେ ୨୭୫୫ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୫୦୮ ଜଣ ଆରୋଗ୍ୟ ଲାଭ କରିଥିଲେ ଏବଂ ୨୦୨୫ ମସିହାରେ ୨୮୪୩ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୬୪୩ ଜଣ ଆରୋଗ୍ୟ ଲାଭ କରିଥିଲେ ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ସୂଚନା ଦେଇଥିଲେ । ବର୍ତ୍ତମାନ ଚିକିତ୍ସିତ ହେଉଥିବା ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଉଅଛି । ଏଥିପାଇଁ ମହାମହିମ ରାଜ୍ୟପାଳ ୨୦ ଜଣ, ଭାରତର ରେଡକ୍ରସ ସୋସାଇଟି ୧୫୮୩ ଜଣ, ଅଙ୍କୁର ପ୍ଲାଷ୍ଟିକ ୫୦ ଜଣ ଓ ଶ୍ରୀ ଦେବାଶିଷ ଦାସଙ୍କ ତରଫରୁ ୬୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଉଅଛି ବୋଲି ଜିଲ୍ଲା ସଂଯାଜକ ଶ୍ରୀ ବିଶ୍ୱରଂଜନ ନାୟକ ପ୍ରକାଶ କରିଥିଲେ । ଏଥିସହିତ ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାର ସମସ୍ତ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ଦ୍ୱାରା ସଚେତନତା ସୃଷ୍ଟି କରାଯାଇ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇପାରିବ। ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶ୍ରୀ ଚକ୍ରଧର ଜେନା ପରିଚାଳନା କରିଥିଲା ବେଳେ ଡ଼ା. ସଂଜୀବ କୁମାର ପ୍ରଧାନ, ଶରତ କୁମାର ଦାସ ମହାପାତ୍ର, ସୁଶାନ୍ତ କୁମାର ବେହେରା ଓ ସଞ୍ଜୟ କୁମାର ସାହୁ ସହଯୋଗ କରିଥିଲେ । ଏହି ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହିତ ଆଭାସି ଜରିଆରେ ଯୋଡି ହୋଇଥିଲେ । ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଅଧିକାରୀ ମାନଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ।




## ନୀଳଗିରି ଉପଖଣ୍ଡ ଓକିଲସଂଘର ସମସ୍ତ ପଦାଧିକାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ: ୨୮ରେ ବିଧିବଦ୍ଧ ଘୋଷଣା

ନୀଳଗିରି , ୨୪/୩ (ନି.ପ୍ର): ଆଗାମୀ ଓକିଲସଂଘ ନିର୍ବାଚନ ପୂର୍ବରୁ ନୀଳଗିରି ଉପଖଣ୍ଡ ଓକିଲସଂଘର ସମସ୍ତ ପଦାଧିକାରୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାଯାଇଛି ।ଆଜି ଅପରାହ୍ନ ୪ଟା ସମୟରେ ବାର ଏସୋସିଏସନ୍ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବରିଷ୍ଠ ଆଇନଜୀବି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଂଘ ଗଠନଠାରୁ କ୍ରମାଗତ ୨୬ବର୍ଷଧରି ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ପରିଲକ୍ଷିତ ହୋଇଛି। ଏତଦଭିନ୍ନ ଚଳିତବର୍ଷର ନିର୍ବାଚନରେ ମଧ୍ୟ ପ୍ରତି ପଦବୀପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଭରିଥିବାରୁ ଏବଂ କୌଣସି ପ୍ରତିଦ୍ୱନ୍ଦୀ ନଥିବାରୁ ସମସ୍ତପଦବୀର ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କାର୍ତ୍ତିକ କୁମାର ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ସଭାପତି ଭାବେ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଯତୀନ୍ଦ୍ର ନାୟକ ଓ ଗୌରହରି ବେହେରା ଉପସଭାପତି, କିଶୋର କୁମାର ଦାସ ସମ୍ପାଦକ, ସହ ସଂପାଦକ ଭାବେ ସୁରେଶ ଚନ୍ଦ୍ର ବାରିକ ଏବଂ ବିଘ୍ନେଶ୍ୱର ବାରିକ, ଦେବାନନ୍ଦ ଦାସ କୋଷାଧ୍ୟକ୍ଷ ଏବଂ ଜୟନ୍ତ କୁମାର ସ, ତନୟ କୁମାର ପାତ୍ର, ଶାନ୍ତିଲତା ମିଶ୍ର, ତନୁସ୍ମିତା ମହାଳିକ, ଶୁଭଶ୍ରୀ ନାୟକ, ପ୍ରଶାନ୍ତ କୁମାର ମଲ୍ଲିକ କାର୍ଯ୍ୟକାରୀ ସଦସ୍ୟଭାବେ ନିର୍ବାଚିତ ହୋଇଥିବା ସଂଘପକ୍ଷରୁ ସୂଚନା ଦିଆଯାଇଛି। ତେବେ ଉକ୍ତସଂଘର ୩୬ଜଣ ସଦସ୍ୟ ଏକତାସୂତ୍ରରେ ବାନ୍ଧିହୋଇ ସମସ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିଥିବାରୁ ପୁନଃ ନିର୍ବାଚିତ ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସାଧୁବାଦ ଜଣାଇବାସହିତ ପ୍ରତ୍ୟେକ ମାସର ଶେଷ ଶନିବାର ଉକ୍ତସଂଘର ସମସ୍ତ ଓକିଲ ନୀଳଗିରି ଜନସାଧାରଣଙ୍କୁ ନିଃଶୁଳ୍କ ସେବାଯୋଗାଇ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଆଗାମୀ ମାର୍ଚ୍ଚ ୨୮ତାରିଖ ୨୦୨୬/ ୨୭ ବର୍ଷପାଇଁ ସଂଘର ସମସ୍ତ ନିର୍ବାଚିତ ପଦାଧିକାରୀଙ୍କ ନାମ ନୀତିଗତ ଘୋଷଣା କରାଯିବବୋଲି ନିର୍ବାଚନ ଅଧିକାରୀ କାର୍ତ୍ତିକ କୁମାର ରାଉତ ସୂଚନା ଦେଇଛନ୍ତି।

## ଆନ୍ତଃ ରାଜ୍ୟ ରେଡକ୍ରସ ଶିବିରରେ ଯୋଗଦେବେ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଛାତ୍ରୀ

ବୈଶିଙ୍ଗା , ୨୪/୩ (ନି.ପ୍ର): ରଘୁପୁର ପଞ୍ଚାୟତ ଅଧିନ ଖୁଣ୍ଟାପୁରସ୍ଥିତ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରିୟା ପଲ୍ଲବୀ ଦାସ, ହେମାଙ୍ଗିନୀ ରାଉଳ ଏବଂ ବିଷ୍ଣୁ କୃପାଜଳ ମହାପାତ୍ର କ୍ରୀଡା ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର ଙ୍କ ନେତୃତ୍ୱ ରେ ଈଆନ୍ତଃ ରାଜ୍ୟ ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରଈ ରେ ଯୋଗଦାନ ପାଇଁ ମନୋନୀତ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ହାଇ ଟେକ ମେଡିକାଲ କଲେଜରେ ଏହି ଶିବିର ଚଳିତ ୨୫ରୁ ୨୯ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଛାତ୍ରୀ ମାନେ ରାଜ୍ୟ ସ୍ତରୀୟ ଶିବିର ରେ ଦଳଗତ ସଂଗୀତ ରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ଏହି ସଫଳତା ପାଇଁ ସମ୍ପୃକ୍ତ ଛାତ୍ରୀ ଓ ତାଙ୍କର ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଙ୍କୁ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ସମେତ ଜ୍ୟୋତ୍ସ୍ନା ରାଣୀ ଜେନା, ଶୁଭସ୍ମିତା ସାମନ୍ତରାୟ, ସୌଭଦ୍ର କୁମାର ଦାସ, ଦୀପ୍ତି ଶଙ୍କର ପତି ଓ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଆନ୍ତ ରାଜ୍ୟ ସ୍ତରରେ ବିଦ୍ୟାଳୟ ର ସଫଳତା କାମନା କରିଥିଲେ ।




## ସାମାଜିକ ସୁରକ୍ଷାରୁ ବଂଚିତ ଲୋଧା ଜନଜାତିର ବିଧବା ମା' ସପନି

ଉଦଳା, ୨୪/୩ (ନି.ପ୍ର): ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ ଝରଣାସାହି ଗ୍ରାମରେ ବସବାସ କରୁଥିବା ଲୋଧା ଜନଜାତିର ବିଧବା ମା' ସପନି ମଲିକ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇପାରି ନଥିବାର ଜଣାଇଛନ୍ତି । ଆଜକୁ ଗୋଟିଏ ବର୍ଷ ପୁର୍ବେ ତାଙ୍କର ସ୍ୱାମୀ ସନ୍ତୋଷ ମଲିକଙ୍କର ଦେହାନ୍ତ ହୋଇଯିବା ପରେ ସହଧର୍ମିଣି 'ସପନି' ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ କୈଳାଶ ଚନ୍ଦ୍ର ନାୟକ ଦାବି ଜଣାଇଛନ୍ତି ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida